ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.75 Bhubaneswar Saturday 30 2022 | ୨୫ତମ ବର୍ଷ ସଂଖ୍ୟା-୭୫ ଭୁବନେଶ୍ୱର, ଶନିବାର, ଅପ୍ରେଲ ୩୦, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ୧୧ ଲକ୍ଷ ଟଙ୍କାର ଦୁର୍ନୀତିରେ ସମ୍ପୃକ୍ତ ବିଧାୟକ ମନୋହର ରନ୍ଧାରୀ : ବଳଭଦ୍ର ମାଝୀ




ଭୁବନେଶ୍ୱର, ୨୯।୪(ପି.ଏନ): ଦୁର୍ନୀତିରେ ସିଧାସଳଖ ଭାବେ ଲିପ୍ତ ଥିବା ସରକାରୀ ଅଧିକାରୀମାନଙ୍କୁ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ସହିତ ପରବର୍ତ୍ତୀ ସମୟରେ ନିଜ ଦଳୀୟ କାର୍ଯ୍ୟ ପାଇଁ ବ୍ୟବହାର କରୁଛି ଶାସକ ବିଜେଡି । ଏପରିକି ପରବର୍ତ୍ତୀ ସମୟରେ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ଭାବେ ଦୁର୍ନୀତିଖୋର ସରକାରୀ କର୍ମଚାରୀମାନଙ୍କୁ ବିଭିନ୍ନ ଗଣତାନ୍ତ୍ରୀକ ପଦପଦବୀରେ ଅବସ୍ଥାପିତ କରାଯାଉଛି । 'ବାଡ ହୋଇ କ୍ଷେତ ଖାଇଯିବା' ଭଳି ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ପୂର୍ବତନ କିରାଣୀ ଓ ଷ୍ଟୋର ଇନଚାର୍ଜ ତଥା ବର୍ତ୍ତମାନର ବିଧାୟକ ମନୋହର ରନ୍ଧାରୀ ବୋଲି ପୂର୍ବତନ ସାଂସଦ ତଥା ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ ଅଭିଯୋଗ କରିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝୀ କହିଛନ୍ତି ଯେ, ନନ୍ଦାହାଣ୍ଡି ପଂଚାୟତ ସମିତିରେ ୧ କୋଟି ୪ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ପଂଚାୟତ ବିଭାଗର ସ୍ପେଶାଲ ଅଡିଟରେ ଧରାପଡିଥିଲା ଏବଂ ଏଥିରେ ଶ୍ରୀ ରନ୍ଧାରୀ ମଧ ସଂପୃକ୍ତ ଥିଲେ । ରାଜନୀତିକୁ ଆସିବା ପୂର୍ବରୁ ନନ୍ଦାହାଣ୍ଡି ବ୍ଲକର କିରାଣୀ ଏବଂ ଷ୍ଟୋର ଇନଚାର୍ଜ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ରନ୍ଧାରୀଙ୍କ ନାଁରେ ୧୧ ଲକ୍ଷ ଟଙ୍କାର ଦୁର୍ନୀତି ମାମଲା ରହିଛି । ଏହି ବ୍ୟାପକ ଟଙ୍କା ଶ୍ରୀ ରନ୍ଧାରୀଙ୍କଠାରୁ ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ଥିବା ସତ୍ୱେ ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ଟଙ୍କା ଆଦାୟ କରାଯାଇ ନଥିବାବେଳେ ତାଙ୍କ ବିରୋଧରେ ୨୦୦୯ ମସିହାରେ କୌଣସି ବକେୟା ନାହିଁ ଏବଂ ଏହି ଅଭିଯୋଗକୁ ଅଣଦେଖା କରାଯାଉ ବୋଲି କେଉଁ ଆଧାରରେ ଏବଂ କାହା ନିର୍ଦ୍ଦେଶରେ ରିପୋର୍ଟ ଦିଆଗଲା ? ଏହି ଦୁର୍ନୀତି ପଛରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଡିଓ ଏବଂ ଶାସକ ବିଜେଡିର ବଡ ବଡ ନେତାମାନେ ସଂପୃକ୍ତ ଅଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।ଭିଜିଲାନ୍ସ ଏହାର ତଦନ୍ତ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ତଦନ୍ତ ପ୍ରକ୍ରିୟା ଶେଷ ହୋଇନାହିଁ । ଏହା ସତ୍ୱେ କୌଣସି ମାମଲା ତାଙ୍କ ନାମରେ ନାହିଁ ବୋଲି ବିଧାୟକ ଶ୍ରୀ ରନ୍ଧାରୀ ନିଜ ଆଫିଡେଭିଟରେ ଉଲ୍ଲେଖ କରିବା ସଂପୂର୍ଣ୍ଣ ଆଇନବିରୋଧୀ । ଦୁର୍ନୀତିର ସଂଗୀନ ଅଭିଯୋଗ ଥିବା ଶ୍ରୀ ରନ୍ଧାରିଙ୍କୁ ନିର୍ବାଚନରେ ଟିକେଟ ପ୍ରଦାନ କରି ସାମ୍ବିଧାନିକ ପଦପଦବୀର ଗରୀମାକୁ କ୍ଷୁର୍ଣ୍ଣ କରିଛି ଶାସକ ବିଜେଡି ବୋଲି ଶ୍ରୀ ମାଝୀ କହିଛନ୍ତି ।ଯେଉଁମାନେ ଶାସକ ବିଜେଡିକୁ କମ୍ ପିସି ଦେଉଛନ୍ତି, କେବଳ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି । ଶାସକ ବିଜେଡିର ନିର୍ମଳ ଭାବମୂର୍ତ୍ତି କେବଳ ଏକ ପ୍ରହସନ ବୋଲି କହିବା ସହିତ ଗତ ୨୦୦୦ ମସିହାରୁ ରାଜ୍ୟର ସମସ୍ତ ବ୍ଲକ ଏବଂ ଅନ୍ୟାନ୍ୟ ବିଭାଗ ଗୁଡିକର ସ୍ପେଶିଆଲ ଅଡିଟ୍ କରାଇବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି ।ଏହି ଅବସରରେ ଗଣମାଧ୍ୟମ ସହ ମୁଖ୍ୟ ସୁଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କଲେଜର ୯୭ ଲକ୍ଷ ଟଙ୍କା ହଡପ କରି ବୟଫ୍ରେଣ୍ଡକୁ ପଠାଇ ମହିଳା ଆକାଉଂଟାଂଟ ଗିରଫ

ଭୁବନେଶ୍ୱର, ୨୯।୪(ପି.ଏନ): ୯୭ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ତମାଣ୍ଡୋ ସ୍ଥିତ ଏକ ଇଞ୍ଜିନିୟରିଂ କଲେଜର ମହିଳା ଆକାଉଂଟାଂଟ ଗିରଫ ହୋଇଛନ୍ତି । କଲେଜ ଟଙ୍କାକୁ ଫୋନ ପେ' ଓ ଆକାଉଂଟ ଟ୍ରାନ୍ସଫର ଜରିଆରେ ସେ ନିଜ ବୟଫ୍ରେଣ୍ଡକୁ ପଠାଉଥିଲେ । ଭୁବନେଶ୍ୱର ତମାଣ୍ଡୋ ସ୍ଥିତ ସିଭିରମଣ ଇଞ୍ଜିନିୟରିଂ କଲେଜରେ ଏଭଳି ଘଟଣା ଘଟିଛି । ଗିରଫ ମହିଳା ଆକାଉଂଟାଂଟ ହେଲେ ପାୟଲ ମହାପାତ୍ର । ତାଙ୍କ ଘର କଟକରେ । ଏଥିସହ ତାଙ୍କ ପ୍ରେମିକ ତଥା ଉକ୍ତ କଲେଜର ପୂର୍ବତନ ଛାତ୍ରଙ୍କୁ ଧରିବାକୁ ଝାରଖଣ୍ଡକୁ ସ୍ୱତନ୍ତ୍ର ଟିମ୍ ପଠାଯାଇଛି ।ବର୍ଷକ ଭିତରେ ପାୟଲ ଫି ବାବଦ ୯୭ ଲକ୍ଷ ଟଙ୍କା ଡିପୋଜିଟ୍ ନ କରି ଫୋନ ପେ ଜରିଆରେ ବୟଫ୍ରେଣ୍ଡଙ୍କ ପାଖକୁ ପଠାଇଥିଲେ । ସିଭିରମଣ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଟଙ୍କା ଗାଏବ ନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ମହିଳା ଆକାଉଂଟାଂଟ ପାୟଲ ମହାପାତ୍ରଙ୍କୁ ପୁଲିସ ଗିରଫ କରିଛି । ଗିରଫ ପରେ ସେ ସବୁ ସତ ମାନିଥିବା ଜଣାଯାଇଛି । ଟଙ୍କା ଉଦ୍ଧାର ନିମନ୍ତେ ପଦକ୍ଷେପ ନିଆଯାଇଛି ।

## ୯ରୁ ଏସସିବି ଓପିଡିରେ ଅନଲାଇନ୍ ସ୍ଲଟ୍ ବୁକିଂ

ଭୁବନେଶ୍ୱର, ୨୯।୪(ପି.ଏନ): କଟକ ଏସସିବି ଓପିଡିରେ ଆରମ୍ଭ ହେବ ଅନଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା । ଆସନ୍ତା ମେ ୯ ତାରିଖରୁ ଅନଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା ଆରମ୍ଭ ହେବ । ୧୦ ତାରିଖରୁ ଅନ୍ ଲାଇନ୍ ଟିକେଟ୍ ରେ ରୋଗୀଦେଖା ଆରମ୍ଭ ହେବ । ରୋଗୀଙ୍କୁ ଅନଲାଇନ୍ ରେ ଟିକେଟ କରି ପ୍ରିଂଟ ନେଇ ଓପିଡିକୁ ଆସିବାକୁ ହେବ । http://eswasthya.odisha.gov.in ରେ ଅନଲାଇନ ବୁକିଂ କରିହେବ ।

# ଆଇପିଏସ୍ ସ୍ତରରେ ବଡ ଧରଣର ଅଦଳବଦଳ : ବଦଳିଲେ ଭୁବନେଶ୍ୱର, କଟକ ଡିସିପି

ଭୁବନେଶ୍ୱର, ୨୯।୪(ପି.ଏନ): ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ଏହି କ୍ରମରେ କଟକ ଓ ଭୁବନେଶ୍ୱର ଡିସିପି ବଦଳିଛନ୍ତି । ବର୍ତ୍ତମାନର କଟକ ଡିସିପି ପ୍ରତୀକ ସିଂହଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି । ବ୍ରହ୍ମପୁର ଏସ୍ପି ପିନାକ ମିଶ୍ରଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି । ବର୍ତ୍ତମାନ ଭୁବନେଶ୍ୱର ଡିସିପି ଥିବା ଉମାଶଙ୍କର ଦାଶଙ୍କୁ ଟ୍ୱିନ୍ ସିଟିର ଅତିରିକ୍ତ ପୋଲିସ୍ କମିଶନର (ଏସିପି) ଭାବେ ନିଯୁକ୍ତି ଦିଆଯାଇଛି । ଏସମ୍ପର୍କରେ ଶୁକ୍ରବାର ଦିନ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ସ୍ପେଶାଲ ଡିଜି (ସ୍ପେଶାଲ ଆର୍ମଡ ପୋଲିସ୍) ମନୋଜ ଛାବ୍ରାଙ୍କୁ ଜେଲ୍ ବିଭାଗ ଡିଜି ଭାବେ ବଦଳି କରାଯାଇଛି । ଜେଲ୍ ବିଭାଗ ଡିଜି ସନ୍ତୋଷ କୁମାର ଉପାଧ୍ୟାୟଙ୍କୁ ଅଗ୍ନିଶମ ସେବା ଓ ହୋମ୍ ଗାର୍ଡସ ଡିଜି ଭାବେ ନୂଆ ନିଯୁକ୍ତି ଦିଆଯାଇଛି । କ୍ରାଇମବ୍ରାଂଚ ଅତିରିକ୍ତ ଡିଜି ସଞ୍ଜୀବ କୁମାର ପଣ୍ଡାଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଏହାସହ ତାଙ୍କୁ ଓଡିଶା ଷ୍ଟେଟ୍ ପୋଲିସ୍ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ୍ ର ଅତିରିକ୍ତ ଦାୟିତ୍ୱରେ ରହିବେ । ସେହିପରି ବର୍ତ୍ତମାନ ପରିବହନ କମିଶନର ଥିବା ଅରୁଣ ବୋଥ୍ରାଙ୍କୁ କ୍ରାଇମବ୍ରାଂଚ ଅତିରିକ୍ତ ଡିଜି ଭାବେ ନୂଆ ନିଯୁକ୍ତି ମିଳିଛି । ତେବେ ପରିବହନ କମିଶନର ଭାବେ ସେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ । ସତୀଶ କୁମାର ଗଜଭିୟେଙ୍କୁ ଆଇଜିପି କମ୍ୟୁନିକେସନ ଭାବେ ନିଯୁକ୍ତି ମିଳିଛି । ବର୍ତ୍ତମାନର ଆଇଜି ହୋମଗାର୍ଡ ସଫିନ୍ ଅହମ୍ମଦଙ୍କୁ ଏଚଆରପିସି ଆଇଜି ଭାବେ ନିଯୁକ୍ତି ଦିଆଯାଇଛି । ଟ୍ୱିନ୍ ସିଟି ଅତିରିକ୍ତ ପୋଲିସ୍ କମିଶନର ଥିବା ନିତି ଶେଖରଙ୍କୁ ପଶ୍ଚିମାଂଚଳ ରେଞ୍ଜ ଡିଆଇଜି ଭାବେ ରାଉରକେଲାକୁ ବଦଳି କରାଯାଇଛି ।ସେହିପରି ନବରଙ୍ଗପୁର ଏସ୍ପି ଥିବା ପରମାର ସ୍ମିତ ପରଷୋତମଦାସଙ୍କୁ ବରଗଡ଼ ଏସ୍ପି ଭାବେ ବଦଳି କରାଯାଇଛି । ଏବେ ବରଗଡ଼ ଏସ୍ପି ଥିବା ରାହୁଲ ଜୈନଙ୍କୁ ଝାରସୁଗୁଡ଼ା ଏସ୍ପି ଭାବେ ନୂଆ ଦାୟିତ୍ୱ ମିଳିଛି । କଳାହାଣ୍ଡି ଏସ୍ପି ଶ୍ରବଣ ବିବେକ ଏମ୍ ଙ୍କୁ ବ୍ରହ୍ମପୁର ଏସ୍ପି ଭାବେ ବଦଳି କରାଯାଇଛି । ନୟାଗଡ଼ ଏସ୍ପି ସିଦ୍ଧାର୍ଥ କଟାରିଆଙ୍କୁ ଖୋର୍ଦ୍ଧା ଏସ୍ପି ଭାବେ ବଦଳି କରାଯାଇଥିବା ବେଳେ ଭୁବନେଶ୍ୱର ଟ୍ରାଫିକ୍ ଡିସିପି ଥିବା ଏସ୍. ସୁଶ୍ରୀଙ୍କୁ ନବରଙ୍ଗପୁର ଏସ୍ପି, ନାରକୋଟିକ୍ସ ସ୍ପେଶାଲ୍ ଟାସ୍କ ଫୋର୍ସ ଏସ୍ପି ଅଭିଲାଷ ଜି.ଙ୍କୁ କଳାହାଣ୍ଡି ଏସ୍ପି ଓ ଖୋର୍ଦ୍ଧା ଏସ୍ପି ଥିବା ଅଖିଳ ପହି (ଓପିଏସ୍)ଙ୍କୁ ନୟାଗଡ଼ ଏସ୍ପି ଭାବେ ବଦଳି କରାଯାଇଛି ।

# ସମସ୍ତେ କୋଭିଡ ନିୟମ ମାନନ୍ତୁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର., ୨୯।୪(ପି.ଏନ): ଦେଶର ବିଭିନ୍ନ ଅଂଚଳରେ କରୋନା ମାମଲା ବଢୁଥିବା କାରଣରୁ ସମସ୍ତେ କୋଭିଡ ନିୟମକୁ ମାନନ୍ତୁ ବୋଲି ଅପିଲ କରିଛନ୍ତି ରାଜ୍ୟ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଂଜନ ମିଶ୍ର । ସେ କହିଛନ୍ତି ଯେ ସମସ୍ତେ ମାସ୍କ ପିନ୍ଧନ୍ତୁ । ସାମାଜିକ ଦୂରତା ରଖନ୍ତୁ ।ସେ କହିଛନ୍ତି ଯେ, ଏବେ ଆମେ ପାଣ୍ଡେମେସିଟିରୁ ଏଣ୍ଡେମେସିଟି ଆଡ଼କୁ ଯାଉଛେ । ଏହା ଭିତରେ ଏମିତି ଗୋଟେ ଗୋଟେ ସ୍ୱାଇକ ଆସିବ । ଏଥିପାଇଁ ଆତଙ୍କିତ ହେବାର ନାହିଁ । ଏ ଭାଇରସ କୁଆଡ଼େ ଯିବନି, କିନ୍ତୁ ତାର ରୋଗ କରିବା କ୍ଷମତା କମିଯିବ । ଯଦି ସଂଖ୍ୟା ବଢ଼ିବ, ଏହାର ମୁକାବିଲା ପ୍ରସ୍ତୁତି ପାଇଁ ଆମକୁ ବିଶେଷ ଅସୁବିଧା ହେବନି । କାରଣ ଆମର ଅଭିଜ୍ଞତା ଅଛି, ଭିତିଭୂମି ଅଛି, ଔଷଧ ଅଛି ବୋଲି ସେ କହିଛନ୍ତି । ସେ କେନ୍ଦ୍ର ସରକାରଙ୍କ ଗାଇଡଲାଇନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କେନ୍ଦ୍ର ସରକାର ଏଭିଡ଼େନ୍ସ ବେସଡ ଡିସିସନ ମେକିଙ୍ଗ ବିଷୟରେ କହିଛନ୍ତି । ଅର୍ଥାତ ଯେଉଁଠି ବଢୁଛି, ସେଇଠି ପଦକ୍ଷେପ ନିଅ । ତେଣୁ ସେଇ ଆଧାରରେ ପଦକ୍ଷେପ ନିଆଯିବ । ଏବେ ରାଜ୍ୟର ଦୈନିକ ସଂକ୍ରମଣ ୧୫ ତଳେ ରହିଛି । ମାତ୍ର ୫-୬ଟି ଜିଲ୍ଲାରେ ନୂଆ ମାମଲା ଆସୁଛି । ଆକ୍ଟିଭ କେସ ସଂଖ୍ୟା ୧୦୦ତଳେ ଅଛି । ଡାକ୍ତରଖାନାରେ କୌଣସି ରୋଗୀ ନାହାନ୍ତି । ଏଣୁ ଏବେଠୁ ଆତଙ୍କିତ ହେବାର ନାହିଁ । ଯଦି ସଂଖ୍ୟା ବଢ଼ିବ, ତା ପାଇଁ ପ୍ରସ୍ତୁତି ଅଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସେମାନେ କଣ୍ଟିନଜେନ୍ସି ପ୍ଲାନ କରି ପ୍ରସ୍ତୁତ ରହିବେ । ଯେଉଁ ଅଂଚଳରେ ବଢ଼ିବ, ତାକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଅଧିକ ବଢ଼ିବ, ରାଜ୍ୟସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ପ୍ରଥମ ଦିନର ମାଟ୍ରିକ ପରୀକ୍ଷା ଶେଷ ହେଲା

*ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ପରୀକ୍ଷା କେନ୍ଦ୍ରରେ କଲେ ସ୍ଥିତିର ଅନୁଧ୍ୟାନ*

ଭୁବନେଶ୍ୱର, ୨୯।୪(ପି.ଏନ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍, ମଧ୍ୟମା, ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଜି ଆରମ୍ଭ ହୋଇଛି । ପ୍ରଥମ ଦିନର ମାଟ୍ରିକ ପରୀକ୍ଷା ଶେଷ ହୋଇଛି । ଏହି ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କ ଭିତରେ ଉତ୍ସାହ ଅନୁଭୂତ ହୋଇଥିଲା । ସକାଳ ୭ଟା ୪୫ ମିନିଟରୁ ପରୀକ୍ଷା ଆରମ୍ଭ ହୋଇ ଦିନ ୧୦ଟାରେ ପ୍ରଥମ ଦିନର ମାଟ୍ରିକ ପରୀକ୍ଷା ଶେଷ ହୋଇଛି ।ଅନ୍ୟ ପକ୍ଷରେ ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶ ଭୁବନେଶ୍ୱର ୟୁନିଟ୍-୧ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସେ ଉକ୍ତ ପରୀକ୍ଷା କେନ୍ଦ୍ର ବୁଲିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ହୋଇଥିବା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ । ଏହାପରେ ସେ କହିଥିଲେ ଯେ ମେଟ୍ରିକ ପରୀକ୍ଷା ପାଇଁ ପିଲାମାନଙ୍କ ପାଇଁ ସମସ୍ତ ସୁବ୍ୟବସ୍ଥା ହୋଇଛି । ପ୍ରଶ୍ନପତ୍ର ଠିକ୍ ସମୟରେ ଦିଆଯାଇଛି ଓ ଶୃଙ୍ଖଳାର ସହ ପରୀକ୍ଷା ଚାଲିଛି । ସଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ କରିବେ ବୋଲି ସେ ଆଶା କରିଛନ୍ତି ।

# ମେ ୫ରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୨୯।୪(ପି.ଏନ): ଆସନ୍ତା ମେ ୪ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ତାର ଆଖପାଖ ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ପରବର୍ତ୍ତୀ ୨୪ ଘଂଟା ମଧ୍ୟରେ ସମ୍ପୃକ୍ତ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ୨୪ ଘଂଟା ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି । ଏପରି ହେଲେ ତାପମାତ୍ରାରେ ପରିବର୍ତ୍ତନ ଆସିପାରେ ବୋଲି ଆକଳନ କରାଯାଉଛି । ଅପରପକ୍ଷରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପାଗରେ କୌଣସି ବଡ ଧରଣର ପରିବର୍ତ୍ତନ ହେବ ନାହିଁ । ତେବେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ଯାଏଁ ତାତି ରହିବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେଣୁ ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ଼,କେନ୍ଦୁଝର, ମୟୁରଭଞ୍ଜ, ଦେବଗଡ଼, ଅନୁଗୁଳ,ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀରରେ ଗ୍ରୀଷ୍ମ ପ୍ରବାହ ହେବ । ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏପ୍ରିଲ ୩୦ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଆଦି ଜିଲ୍ଲା ବି ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି । ଏହି ସମୟରେ ଅସୁସ୍ଥ ଥିବା ଲୋକଙ୍କ ସହିତ ନବଜାତ ଓ ବୃଦ୍ଧଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ହେବ । ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଜରୁରୀ ନଥିଲେ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି ।ଫସଲଗୁଡ଼ିକର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି ।

## ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୪(ପି.ଏନ):- ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ । ଶୁକ୍ରବାର ଅପରାହ୍ନରେ ଦିଲ୍ଲୀରେ ପହଂଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଡାକିଥିବା ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିମାନଙ୍କ ବୈଠକରେ ଯୋଗଦେବି । ବାକି ଥିବା ଓଡ଼ିଶାର ବିଭିନ୍ନ ଉନ୍ନୟନମୂଳକ କାମ ନେଇ ଆଲୋଚନା କରିବି । ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନ ପରିସରରେ ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟାରେ ଆୟୋଜିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ଦିନିକିଆ ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ମଧ ଯୋଗ ଦେବେ । ମେ' ୧ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କର କୌଣସି ସରକାରୀ କାର୍ଯ୍ୟକ୍ରମ ନଥିବା ବେଳେ ୨ତାରିଖରେ ଭାରତ ସରକାରଙ୍କ ଅନୁମତି ଅପେକ୍ଷାରେ ପଡ଼ି ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି । ଗସ୍ତ ଶେଷ କରି ମୁଖ୍ୟମନ୍ତ୍ରୀ ୩ ତାରିଖ ଅପରାହ୍ନ ସାଢ଼େ ୧ଟାରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି ।

## ରାଜଧାନୀରେ ଯୁବତୀଙ୍କୁ ଅପହରଣ ଉଦ୍ୟମ , ୩ଅଟକ

ଭୁବନେଶ୍ୱର, ୨୯।୪(ପି.ଏନ):- ରାଜଧାନୀରେ ଦିନ ଦ୍ୱିପ୍ରହରରେ ଜଣେ ଯୁବତୀଙ୍କୁ ଅପହରଣ ଉଦ୍ୟମର ଅଭିଯୋଗ ହୋଇଛି । ଏହି ମାମଲାରେ ନୟାପଲ୍ଲୀ ଥାନା ପୋଲିସ୍ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅଟକଙ୍କ ମଧ୍ୟରୁ ଜଣେ ସମ୍ପୃକ୍ତ ଯୁବତୀଙ୍କ ମାମୁଁ ବୋଲି ଜଣାପଡିଛି । ନୟାପଲ୍ଲୀ ଭୋଇ ସାହି ଅଂଚଳରେ ଯୁବତୀ ଜଣକ ରୁହନ୍ତି । ସେଠାରୁ ଏକ ସ୍ୱିଫ୍ଟ କାରରେ ଯୁବତୀଙ୍କୁ ଅପହରଣ କରୁଥିବା ବେଳେ ପୋଲିସ ପିସିଆର ହାବୁଡରେ ପଡିଥିଲେ । ପରେ ଯୁବତୀ ଜଣକ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ ।

# ଦିବ୍ୟାଙ୍ଗ ଓ ଅସୁସ୍ଥ ସଫେଇ କର୍ମଚାରୀଙ୍କୁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର,୨୯।୪(ପି.ଏନ):ଅସୁସ୍ଥ ଓ ନିଜର ଅଙ୍ଗ ହରାଉଥିବା ମୂଳ ସଫେଇ କର୍ମଚାରୀଙ୍କୁ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ସଫେଇ କର୍ମଚାରୀଙ୍କ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ୨୦୨୦ ସେପ୍ଟେମ୍ବର ମାସରେ 'ଗାରିମା' ଯୋଜନା ଆରମ୍ଭ କରିଥିଲେ । ଯେଉଁଥିରେ ପ୍ରାୟ ୨୦ହଜାର ପରିମଳ କର୍ମଚାରୀ ଉପକୃତ ହୋଇଥିଲେ ।ରାଜ୍ୟ ନଗର ଉନ୍ନୟନ ବିଭାଗର ସୂଚନା ଅନୁସାରେ ଗାରିମା ଯୋଜନାର ସଫଳତା ସଫେଇ କର୍ମଚାରୀଙ୍କୁ ମିଳିପାରୁଛି । ଏହା ମାଇଲଖୁଣ୍ଟ ଅତିକ୍ରମ କରିଛି । ସଫେଇ କର୍ମଚାରୀଙ୍କ କଲ୍ୟାଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଦରମାର ୧୫ ପ୍ରତିଶତକୁ ରିସ୍କ ଆଣ୍ଡ ହାର୍ଡସିପ୍ ଭତ୍ତା ଭାବେ ଦେବାକୁ ସରକାର ଅନୁମୋଦନ କରିଛନ୍ତି । ଏହା ଗ୍ରେଡ-



୧ ସଫେଇ କର୍ମଚାରୀଙ୍କୁ ମିଳିବ । ଏହି ଯୋଜନାରେ ଯେଉଁ ସଫେଇ କର୍ମଚାରୀମାନେ ବିପଜ୍ଜନକ କାର୍ଯ୍ୟ କରିବା ସମୟରେ ଆଘାତ ଓ ସଂକ୍ରମଣର ଶିକାର ହୋଇ ସ୍ଥାୟୀ ଅବା ଆଂଶୀକ ଭିନ୍ନକ୍ଷମ ହେବେ, ଅବା ଅନ୍ୟ କୌଣସି କାରଣରୁ ଅସୁସ୍ଥ ହେବେ ସେମାନଙ୍କୁ ଏହି କ୍ଷତିପୂରଣ ଭତ୍ତା ମିଳିବ ।କର୍ମଚାରୀ କ୍ଷତିପୂରଣ ଅଧିନିୟମ-୧୯୨୩ କିମ୍ୱା କର୍ମଚାରୀ ରାଜ୍ୟ ବୀମା ଅଧିନିୟମ-୧୯୪୮ ମାଧ୍ୟମରେ ଏହି ସଫେଇ କର୍ମଚାରୀମାନଙ୍କୁ କ୍ଷତିପୂରଣ ଭତ୍ତା ଦେବାକୁ ନିଷ୍ପତ୍ତି ହୋଇଛି । ଏହାବ୍ୟତୀତ ଯେଉଁ ସଫେଇ କର୍ମଚାରୀମାନେ ଏହି ଆଇନ ଅନ୍ତର୍ଗତ କ୍ଷତିପୂରଣ ପାଇବେ ନାହିଁ ସେମାନଙ୍କ ନିମନ୍ତେ ଗାରିମା ଯୋଜନାରେ ସୃଷ୍ଟି ହୋଇଥିବା କର୍ପସ ପାଣ୍ଠିରୁ ଏହି କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଗୋଷ୍ଠୀ ସଂଘର୍ଷ ପରେ ଜାରି ହେଲା କର୍ଫ୍ୟୁ, ଶିବସେନାର କାର୍ଯ୍ୟାନୁଷ୍ଠାନ







ପଟିଆଲା,୨୯।୪: ଖଲିସ୍ତାନ ବିରୋଧୀ ଶୋଭାଯାତ୍ରା ବେଳେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଯୋଗୁ ପଞ୍ଜାବର ପଟିଆଲା ଅଶାନ୍ତ ହୋଇ ଉଠିଛି । ସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଛି । ସେହିପରି ବିଭିନ୍ନ ସ୍ଥାନରେ ପୁଲିସ୍ ଫ୍ଲାଗମାର୍ଚ୍ଚ କରିବା ସହ ଚେକିଂ କରୁଛି । ଆଜି ସକାଳେ ଶିବସେନା ପକ୍ଷରୁ ପିଟିଆଲାରେ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏହାକୁ ଗୋଟିଏ ଗୋଷ୍ଠୀ ବିରୋଧ କରିବାରୁ ପଟିଆଲାର କାଳୀ ମାତା ମନ୍ଦିର ନିକଟରେ ସଂଘର୍ଷ ଦେ ?ଖିବାକୁ ମିଳିଥିଲା ।ଦୁଇ ଗୋଷ୍ଠୀ ପରସ୍ପରକୁ ପଥର ମାଡ କରିବା ସହ ଖଣ୍ଡା ଦ୍ୱାରା ଆକ୍ରମଣ କରିଥିଲେ । ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୁଲିସ୍ ମଧ ଫାଙ୍କା ଗୁଳି ଚାଳନା କରିଥିଲା ।ପଞ୍ଜାବ ଶିବସେନା (ବାଲ ଠାକରେ)ର କାର୍ଯ୍ୟକାରୀ ସଭାପତି ହରିଶ ସିଙ୍ଗଲାଙ୍କ ନେତୃତ୍ୱରେ ହିଁ ପୁଲିସ୍‌ର ବିନା ଅନୁମତିରେ ଖଲିସ୍ତାନୀ ବିରୋଧୀ ଶୋଭାଯାତ୍ରା ଆୟୋଜନ କରାଯାଇଥିଲେ । ଶୋଭାଯାତ୍ରା ଚାଲିଥିବା ବେଳେ ଗୋଟିଏ ଶିଖ୍ ଗୋଷ୍ଠୀ ଏହାକୁ ବିରୋଧ କରିଥିଲା । ଏହାକୁ ନେଇ ଶିବସେନା କର୍ମୀଙ୍କ ସହ ସେମାନଙ୍କର ପାରପିଟ ହୋଇଥିଲା । ସ୍ଥିତି ଏପରି ହୋଇଥିବା ଯେ ମନ୍ଦିର ନିକଟରେ ଦୁଇ ଗୋଷ୍ଠୀର ସଦସ୍ୟମାନେ ଖଣ୍ଡା ବୁଲାଇବା ସହ ପରସ୍ପରକୁ ଟେକାପଥର ମାଡ କରିଥିଲେ । ସ୍ଥିତି ଅଣାୟତ ହେବାକୁ ପୁଲିସ୍ ? ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏଥିସହ ସେମାନଙ୍କୁ ହିଂସାରୁ ବିରତ ରହିବାକୁ ଫାଙ୍କା ଗୁଳିମାଡ କରିଥିଲା ।ଘଟଣା ପରେ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ତୁରନ୍ତ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ । ଏହାପରେ ଶୁକ୍ରବାର ସନ୍ଧ୍ୟା ୭ଟାରୁ ଶନିବାର ସକାଳ ୬ଟା ଯାଏ ପୂରା ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଛି । ଘଟଣାକୁ ନେଇ ଶିବସେନା ମଧ ଦଳୀୟ କର୍ମୀଙ୍କ ଉପରେ ଖପ୍ପା ହୋଇଛି । ଏଥିସହ ହରିଶ ସିଙ୍ଗଲଙ୍କୁ ଦଳରୁ ନିଲମ୍ବିତ କରିଛି ।ସୋଶାଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଅନେକ ଲୋକ ଖଣ୍ଡା ବୁଲାଇବା ସହ ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଛି । ଏପରି କି କିଛି ଲୋକ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଥିବା ପୁଲିସ ସହ ଯୁକ୍ତିତର୍କ କରୁଥିବା ମଧ ଦୃଶ୍ୟ ସାମ୍ନାକୁ ଆସିଛି । ସେହିପରି ଆଉ ଗୋଟିଏ ଭିଡିଓରେ ଜଣେ ବ୍ୟକ୍ତି ମନ୍ଦିର ପାଖରେ ଥିବା ବିଲଡିଂ ଉପରେ ଛିଡା ହୋଇ ପଥର ମାଡ କରୁଥିବା ଦେଖାଯାଉଛି । ଏହାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲେ ମଧ ସବୁ କିଛି ନିୟନ୍ତ୍ରଣ ମଧରେ ଥିବା ପୁଲିସ୍ କହିଛି ।


# କଲେଜର ୯୭ ଲକ୍ଷ ଟଙ୍କା ହଡପ କରି ବୟଫ୍ରେଣ୍ଡକୁ ପଠାଇ ମହିଳା ଆକାଉଂଟାଂଟ ଗିରଫ

ଭୁବନେଶ୍ୱର, ୨୯।୪(ପି.ଏନ): ୯୭ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ତମାଣ୍ଡୋ ସ୍ଥିତ ଏକ ଇଞ୍ଜିନିୟରିଂ କଲେଜର ମହିଳା ଆକାଉଂଟାଂଟ ଗିରଫ ହୋଇଛନ୍ତି । କଲେଜ ଟଙ୍କାକୁ ଫୋନ ପେ' ଓ ଆକାଉଂଟ ଟ୍ରାନ୍ସଫର ଜରିଆରେ ସେ ନିଜ ବୟଫ୍ରେଣ୍ଡକୁ ପଠାଉଥିଲେ । ଭୁବନେଶ୍ୱର ତମାଣ୍ଡୋ ସ୍ଥିତ ସିଭିରମଣ ଇଞ୍ଜିନିୟରିଂ କଲେଜରେ ଏଭଳି ଘଟଣା ଘଟିଛି । ଗିରଫ ମହିଳା ଆକାଉଂଟାଂଟ ହେଲେ ପାୟଲ ମହାପାତ୍ର । ତାଙ୍କ ଘର କଟକରେ । ଏଥିସହ ତାଙ୍କ ପ୍ରେମିକ ତଥା ଉକ୍ତ କଲେଜର ପୂର୍ବତନ ଛାତ୍ରଙ୍କୁ ଧରିବାକୁ ଝାରଖଣ୍ଡକୁ ସ୍ୱତନ୍ତ୍ର ଟିମ୍ ପଠାଯାଇଛି ।ବର୍ଷକ ଭିତରେ ପାୟଲ ଫି ବାବଦ ୯୭ ଲକ୍ଷ ଟଙ୍କା ଡିପୋଜିଟ୍ ନ କରି ଫୋନ ପେ ଜରିଆରେ ବୟଫ୍ରେଣ୍ଡଙ୍କ ପାଖକୁ ପଠାଇଥିଲେ । ସିଭିରମଣ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଟଙ୍କା ଗାଏବ ନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ମହିଳା ଆକାଉଂଟାଂଟ ପାୟଲ ମହାପାତ୍ରଙ୍କୁ ପୁଲିସ ଗିରଫ କରିଛି । ଗିରଫ ପରେ ସେ ସବୁ ସତ ମାନିଥିବା ଜଣାଯାଇଛି । ଟଙ୍କା ଉଦ୍ଧାର ନିମନ୍ତେ ପଦକ୍ଷେପ ନିଆଯାଇଛି ।


# ୪୦ ଉପରେ ୨୫ ସହର

ଭୁବନେଶ୍ୱର, ୨୯।୪(ପି.ଏନ): ରାଜ୍ୟରେ କ୍ରମାଗତ ଭାବେ ଜାରି ରହିଛି ଗ୍ରୀଷ୍ମପ୍ରବାହ । ପ୍ରବଳ ତାତି ଓ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସେହିପରି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବୌଦ୍ଧରେ ତାପମାତ୍ରା ସର୍ବାଧିକ ୪୫ ଡିଗ୍ରୀ ରେକର୍ଡ କରାଯାଇଛି । ଗତକାଲି ବୌଦ୍ଧରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁଥିଲା, ଯାହାକି ଚଳିତ ବର୍ଷରେ ସର୍ବାଧିକ ତାପମାତ୍ରା ଥିଲା । ଏହାସହିତ ଆଜି ରାଜ୍ୟର ୨୫ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୯ଟି ସ୍ଥାନରେ ୪୩ ଡିଗ୍ରୀ ଓ ୫ଟି ସ୍ଥାନରେ ୪୪ ଡିଗ୍ରୀ ଉପରେ ତାପମାତ୍ରା ରହିଛି । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ଅନୁଗୋଳରେ ୪୪.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଦେବଗଡ଼ ୪୪.୬, ତାଳଚେର ୪୪.୫ ଓ ବଲାଙ୍ଗିର ୪୪ ଡିଗ୍ରୀ ରେକର୍ଡ ହୋଇଛି ।ସେହିପରି ଟିଟିଲାଗଡ଼ରେ ତାପମାତ୍ରା ୪୩.୮ ଓ ସୋନପୁରରେ ୪୩.୬ ରହିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୦.୨ ଡିଗ୍ରୀ ଓ କଟକ ୪୦.୧ ଡିଗ୍ରୀ ରହିଛି ।








# ଟି ଟାଇମ୍



## ଜୋକ୍ସ

ଟିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଟିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ଆଜିର ଯୁଦ୍ଧ—ରୁଷିଆ ଗଳାରେ ୟୁକ୍ରେନ କଂଟା



ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଦେଖୁ ଦେଖୁ ଦୁଇମାସରୁ ଉର୍ଦ୍ଧ୍ୱକୁ ଗତି କଲାଣି ତଥାପି କେହି କାହାର ଅଧିକାର ଓ ଅହଙ୍କାର ଛାଡିବାକୁ ରାଜି ନୁହଁନ୍ତି। ପରେ ଏହା ବିଶ୍ୱଯୁଦ୍ଧ ଆଡକୁ ଗତି କଲାଭଳି ପ୍ରତୀୟମାନ ହେଉଛି। ମାତ୍ର ନାଟୋଦେଶମାନଙ୍କ ସହାୟତାରେ ୟୁକ୍ରେନ ଅଦ୍ୟାବଧି ନିଜର ମନୋବଳ ନ ହରାଇ ପ୍ରାଣପଣେ ବିଜୟ ପାଇଁ ପ୍ରୟାସ ଜାରି ରଖିଛି। ଦୀର୍ଘ ୬୪ ଦିନ ବିତି ଯାଇଥିଲେ ମଧ୍ୟ ରୁଷିଆ ୟୁକ୍ରେନକୁ ନତଃମସ୍ତକ କରାଇପାରିନି। ନାଟୋ ସହାୟତାରେ ୟୁକ୍ରେନର ସାମରିକ ସାମର୍ଥ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ରୁଷିଆର ସାମରିକ ସାମର୍ଥ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଉଭୟ ଦେଶର ଅହଙ୍କାରଜନିତ ଏହି ଯୁଦ୍ଧ ସମଗ୍ର ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛି। ଯଦିଓ ୟୁକ୍ରେନ ଅଦ୍ୟାବଧି ନାଟୋ ସଦସ୍ୟ ହୋଇନାହିଁ ତଥାପି ଆମେରିକା ନେତୃତ୍ୱାଧିନ ନାଟୋ ଆଉ ନୀରବ ନ ରହି ୟୁକ୍ରେନକୁ ସାହାଯ୍ୟ କରିବାକୁ ପଛଘୁଂଚାଈଦେଉନାହିଁ। ଏହାର ଅନେକ ପୂର୍ବରୁ ୟୁକ୍ରେନ ରୁଷିଆ ସହରକୁ ଲକ୍ଷ୍ୟ ରଖି ନିଜର କ୍ଷେପଣାସ୍ତ୍ର ମାଡରେ ରୁଷିଆର ଦୁଇଟି ସହରକୁ କ୍ଷତିଗ୍ରସ୍ତ କରିବା ସହ ତାର ଟାର୍ଗେଟରେ ରଖିଛି ରୁଷିଆର ଯୁଦ୍ଧପୋତ ଯାହା ବ୍ଲାକସିରେ ଡେରା ପକାଇବା ସହ ପରମାଣୁ ବୋମା ପକାଇବା ପାଇଁ ଅପେକ୍ଷା କରିଥିଲା। ଏହି ଯୁଦ୍ଧ ପୋତ “ମୋସ୍କଭା” ଉପରେ ୟୁକ୍ରେନ ରକେଟ ଆକ୍ରମଣ କରି ତାକୁ ସମୁଦ୍ରରେ ବୁଡାଇ ଦେଇଛି। ଫଳରେ ରୁଷିଆର ବ୍ୟାପକ କ୍ଷତି ହୋଇଛି। ପରମାଣୁ ଅସ୍ତ୍ର ସହିତ ମୋସ୍କଭାର ପତନ ରୁଷିଆ ପାଇଁ ପୁଣି କ୍ରୋଧର କାରଣ ହୋଇଛି। ରୁଷିଆ ଉପରେ ଆମେରିକା, ବ୍ରିଟେନ ସମେତ ଅନ୍ୟ ୟୁରୋପୀୟ ତଥା ପଶ୍ଚିମି ଦେଶର ଆର୍ଥିକ କଟକଣାଯୋଗୁ ରୁଷିଆର ଆର୍ଥିକସ୍ଥିତି



ତଥା ରପ୍ତାନୀ ଭୟଙ୍କର ଭାବେ ପ୍ରଭାବିତ ହେବାରେ ଲାଗିଛି। ଏହି ଯୁଦ୍ଧରେ ରୁଷିଆର ୨୦ ହଜାର ସେନାଙ୍କ ନିହତ ହେବା ତା ପାଇଁ ଚିନ୍ତାର କାରଣ ପାଲଟିଛି। ଶକ୍ତିଶାଳୀ ରୁଷିଆ ବର୍ତ୍ତମାନ ୟୁକ୍ରେନ ଭଳି ଏକ ଛୋଟ ଦେଶ ପାଖରେ କ୍ଷତି ସହି ଚାଲିଛି। ଯଦି ଆମେ ଇତିହାସକୁ ଅନୁଧ୍ୟାନ କରିବା ତେବେ ମନେହୁଏ ୟୁକ୍ରେନ ରୁଷିଆ ପାଇଁ ନେପୋଲିୟନଙ୍କ ୱାଟର ଲୁରେ ପରିଣତ ହେବ। ପୁତିନ ଜେଲେନସିଙ୍କ ଗଡ ଅଧିକାର କରିବାକୁ ଯାଇ ସେଇ ପରିସ୍ଥିତିରେ ପଡିଗଲେ ଯାହାଦିନେ ନେପୋଲିୟନଙ୍କୁ ଭୋଗିବାକୁ ପଡିଥିଲା। ବର୍ତ୍ତମାନ ‘ରୁଷିଆତଣ୍ଟିରେ ୟୁକ୍ରେନ ଏକ କଂଟା’ ପରି ରହିଛି ଯାହାକୁ ରୁଷିଆ ନା ଗିଳି ପାରୁଛି ନାଁ ଉଗାଳି ପାରୁଛି—ଲୋକଲଜ୍ଜାବଶତଃ ସେ ୟୁକ୍ରେନ ଛାଡି ପାରୁଛି ନା ନିଜର ଅଧିକାର ସାବ୍ୟସ୍ତ କରିପାରୁଛି ! ଏହି ପରିସ୍ଥିତିରେ ଏହି ଯୁଦ୍ଧର କେବେ ଅବସାନ ଘଟିବ ତାହା କହିବା ଅସମ୍ଭବ। ଏହି ଲମ୍ବା ଯୁଦ୍ଧ ପାଇଁ ରୁଷିଆ ସେନାର ପ୍ରସ୍ତୁତି ଯଥେଷ୍ଟ ହୋଇନାହିଁ ଏବଂ ରୁଷିଆର ଲଜିଷ୍ଟିକ ଓ ସପ୍ଲାଇ ମଧ୍ୟ ଦୁର୍ବଳ ହୋଇଛି। ଯାହାକୁ ୟୁକ୍ରେନ ସେନା ସହଜରେ ଟାର୍ଗେଟ କରିଛି। ତଥାପି ଦମ୍ଭୋକ୍ତି ପ୍ରକାଶକରି ପୁତିନ ମେ’ ୫ ତାରିଖ ସୁଦ୍ଧା ଏ ଯୁଦ୍ଧର ପରିସମାପ୍ତି ଘଟାଇ ୟୁକ୍ରେନ ଅଧିକାର କରିନେବେ ବୋଲି ବାହାସ୍ଫୋଟ ମାରୁଛନ୍ତି ଯାହା ଏକ ବାହୁଲ୍ୟ ମାତ୍ର। ବର୍ତ୍ତମାନ ୟୁକ୍ରେନର କୋଟି କୋଟି ଜନସାଧାରଣ ଦେଶଛାଡି ଅନ୍ୟ ୟୁରୋପୀୟ ଦେଶମାନଙ୍କରେ ଶରଣାର୍ଥୀ ହୋଇଥିଲେ ମଧ୍ୟ ସେମାନେ ନିଜ ମା ମାଟି ପାଇଁ ପ୍ରତ୍ୟାବର୍ତ୍ତନ କରିବା ସହ ଅସ୍ତ୍ର ଧରି ରୁଷିଆସେନାଙ୍କୁ ସାହସର ସହିତ ପ୍ରତିରୋଧ କରିବାକୁ ଆଗେଇ ଆସିଛନ୍ତି। ଆବାଳବୃଦ୍ଧବନିତା, ରୋଗୀ, ଆହତ ମହିଳା ମଧ୍ୟ ରୁଷୀୟସେନାଙ୍କୁ ଭର୍ତ୍ସନା କରିବା ସହ



ହାତରେ ବନ୍ଧୁକଧରି ରୁଷୀୟସେନାଙ୍କ ସାମନା କରିବାକୁ ପଛଘୁଂଚା ଦେଉନାହାଁନ୍ତି।

ଏହି ସାଧାରଣ ଜନତା ଓ ସେନାଙ୍କ ମନୋବଳ ବଢାଇବାରେ ପ୍ରମୁଖ ଭୂମିକା ନିଭାଉଛନ୍ତି ଅତିତର ବ୍ୟଙ୍ଗ ଅଭିନେତା ଆଜିର ଯୁଦ୍ଧରେ ହୀରୋ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ରାଷ୍ଟ୍ରପତି ଜେଲେନସ୍କି। ଦେଶର ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ସେ ଅଦମ୍ୟ ସାହସ ଦେଖାଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ପତ୍ନୀ ରୁଷିଆର ସେନାମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। କାରଣ ଯୁଦ୍ଧ ସଦାସର୍ବଦା ଶାନ୍ତିକୁ ହତ୍ୟା କରିଥାଏ ଏବଂ ସମଗ୍ର ବିଶ୍ୱକୁ ଯୁଦ୍ଧଧ୍ୱାନ୍ତ ପରିବେଶରେ ପରିପୂର୍ଣ୍ଣ କରି ବିଶ୍ୱକୁ ଧ୍ୱଂସମୁଖକୁ ଟାଣି ନେଇଥାଏ। ଆଉ ଏକ ଆଶ୍ଚର୍ଯ୍ୟର କଥା ରୁଷିଆର ରାଷ୍ଟ୍ରପତି ପୁତିନ ପରମାଣୁ ଯୁଦ୍ଧ ଭୟରେ ସପରିବାର ସାଇବେରିଆର ଏକ ପାହାଡତଳେ ନିର୍ମିତ ସୁରମ୍ୟ ସହର ପରି ହୋଟେଲ ବଙ୍କରରେ ରହିଥିବାବେଳେ ତାଙ୍କ ବିରୋଧରେ ତାଙ୍କ ଦେଶର ଗଣଆନ୍ଦୋଳନକୁ ପ୍ରତିହତ କରୁଛନ୍ତି। ଭୟ ଓ ଅବିଶ୍ୱାସ ଯେତେବେଳେ ରୁଷିଆ ରାଷ୍ଟ୍ରପତି ଓ ଯୁଦ୍ଧର ସେନାଙ୍କୁ ଘାରିଛି, ସେତେବେଳେ ତାଙ୍କର ବିଜୟ ଆଶା କ୍ଷୀଣ ହୋଇଯାଉଛି। ଅନ୍ୟ ପକ୍ଷରେ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଖୋଲା ଆକାଶତଳେ ୟୁକ୍ରେନର ସାଧାରଣ ନାଗରିକଙ୍କ ସହ ରହି ସେମାନଙ୍କୁ ବିଶ୍ୱାସକୁ ଆଣି ତାଙ୍କ ମନୋବଳ ବଢାଇ ଚାଲିଛନ୍ତି ଏବଂ ଜାତିସଂଘଠାରୁ ସହାୟତା ହାସଲ କରିପାରିଛନ୍ତି। ୟୁକ୍ରେନକୁ ମିଳିଥିବା ସାମରିକ ଓ ଆର୍ଥିକ ସହାୟତା ୟୁକ୍ରେନ-ରୁଷିଆ ଯୁଦ୍ଧରେ ୟୁକ୍ରେନକୁ ବଳ ଯୋଗାଇବା ସହ ଜେଲେନସ୍କିଙ୍କ ଏକ କୂଟନୈତିକ ବିଜୟ ବୋଲି ପ୍ରମାଣ କରିଛି। ଆମେରକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶାସନ କାଳରେ ଆମେରିକା ୟୁକ୍ରେନକୁ ୧୪୦୦ ଷ୍ଟିଙ୍ଗର ଆଂଟିଏୟାରକ୍ରାଫ୍ଟ ସିଷ୍ଟମ ଦେଇଛି। ୧୦୦ରୁ ଅଧିକ ଗ୍ରେନେଡ ଲଞ୍ଚ, ୫୦୦୦ ରୁ ଅଧିକ ରାଇଫଲ, ପାଂଚହଜାରରୁ ଅଧିକ ମେସିନଗନ ମଧ୍ୟ ଦେଇଛି। ଯାହା ୟୁକ୍ରେନର ସାମରିକ ଶକ୍ତିକୁ ବୃଦ୍ଧିକରିଛି। ପେଣ୍ଟାଗନ ପକ୍ଷରୁ ୟୁକ୍ରେନକୁ ଜୈବଲିନ ମିସାଇଲ ୪୬୦୦, ୧୦୦ରୁ ଅଧିକ ଟେକ୍ନିକାଲ ଅନମୈଂଡ ଏରିଏଲସିଷ୍ଟମ, ୨୫,୦୦୦ରୁ ଅଧିକ ବୁଲେଟ ପ୍ରୁଫ୍ ହେଲମେଟ ଏବଂ ହଜାର ହଜାର ସଂଖ୍ୟାରେ ଡ୍ରୋନ ମଧ୍ୟ ଆମେରିକା ୟୁକ୍ରେନକୁ ଦେଇଛି ଯାହା ତାକୁ ଯୁଦ୍ଧ ଜିତିବାର ବଳ ଦେଇଛି। ୟୁରୋପୀୟ ସଂଘ ୟୁକ୍ରେନକୁ ଟି-୭୨ ଟ୍ୟାଙ୍କ, ସ୍ଲୋଭାକିଆ ପକ୍ଷରୁ ଏସ-୩୦୦ ଏୟାର ଡିଫେନ୍ସ ପ୍ରଦାନ ଯୋଗୁ ୟୁକ୍ରେନର ସାମରିକ ଶକ୍ତି ବୃଦ୍ଧି ପାଇବା ସହ ଶକ୍ତିଶାଳୀ ଦେଶ ରୁଷିଆ ବିରୁଦ୍ଧରେ ସେ ଦାମ୍ଭିକତାର ସହ ମୁକାବିଲା କରୁଛି। ସେ ଯାହା ବି



ହେଉ ନା କାହିଁକି ଯଥାଶୀଘ୍ର ଏ ଯୁଦ୍ଧର ପରିସମାପ୍ତି ପାଇଁ ସମଗ୍ର ବିଶ୍ୱବାସୀ ଚାହିଁ ବସିଛନ୍ତି।

**ଉମାଶଙ୍କର ପ୍ରସାଦ**, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

# ସେବା, ସାହାଯ୍ୟ ଓ ସହଯୋଗର ପର୍ବ ଇଦୁଲ୍ ଫିତର



ଇସଲାମ ସୁଖ ଓ ଶାନ୍ତିର ଧର୍ମ। ମାନବିକତାର ଧର୍ମ ବୁଝାଇଥାଏ ଇସଲାମ। ଧର୍ମ ମଣିଷକୁ ସତ ମାର୍ଗ ଦେଖାଇଥାଏ। ଏବଂ ଭଲ ମଣିଷଟିଏ ହେବାକୁ ପ୍ରେରଣା ଦେଇଥାଏ। ଧର୍ମକୁ ଧରି ରଖିଥିଲେ ହିଁ ସ୍ୱର୍ଗଧାମ ମଳି ପାରିଥାଏ। ମେଳା,ମହୋତ୍ସବ ଏବଂ ପର୍ବ ପର୍ବାଣୀ ଏକତା ଓ ଅଖଣ୍ଡତା ଆଣିଥାଏ। ଏବଂ ଖୁସି ଓ ପାରସ୍ପାରୀକ ସଦ୍ଭାବନାର ପରିବେଶ ଗଢି ପାରିଥାଏ। ଆମ ଭାରତବର୍ଷ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ସମସ୍ତ ଧର୍ମକୁ ସମାନ ଅଧିକାର ଦିଆଯାଇଛି। ହିନ୍ଦୁ, ମୁସଲିମ, ଶିଖ, ଇସାଇ ସବୁ ଆମେ ଭାଇ ଭାଇ। ଭାରତ ବର୍ଷ ଆମକୁ ବସୁଧୈବ କୁଟୁମ୍ବକମ୍‌ର ଶିକ୍ଷା ଦେଇଥାଏ। ପବିତ୍ର ରମଜାନ ମାସର ଘୋର ତପସ୍ୟା ଏବଂ ଉପାସନାର ଶିଖରକୁ ଛୁଇଁ ସାରିଲା ପରେ ଯେଉଁ ଆନନ୍ଦ ମିଳିଥାଏ ତାହାକୁ ଅନ୍ୟ ଅର୍ଥରେ ଇଦୁଲ ଫିତର କୁହାଯାଏ। ଇସଲାମ ଧର୍ମ ଏକ ସାର୍ବଜନିନ ଧର୍ମ। ପ୍ରସନ୍ନ କରିବାର ସମସ୍ତ ପନ୍ଥା ଓ ପ୍ରଣାଳୀକୁ ଭଲ ଭାବରେ ଜାଣି ପାରିଥାଏ । ସ୍ୱର୍ଗ ପ୍ରାପ୍ତିର ସମସ୍ତ ମାର୍ଗକୁ ଚିହ୍ନି ପାରିଥାଏ। ପୁଣ୍ୟ ଓ ପାପର ଓଜନତାକୁ ଜାଣିପାରିଥାଏ। ଏସବୁ ପୁଣ୍ୟ କର୍ମ ଦ୍ୱାରା ସେ ସୁନିର୍ଣ୍ଣିତ ଭାବେ ପରମାନନ୍ଦ ପ୍ରାପ୍ତ କରିସାରିଥାଏ। ନିଜ ଜୀବନରେ ଏକ ବିରାଟ ପରିବର୍ତନ ଆଣିଦେଇଥାଏ। ପବିତ୍ର ରମଜାନ ଜଣେ ମଣିଷକୁ ପବିତ୍ର କରିଦେଇଥାଏ। ଏକ ମନ ଏକ ଲୟରେ ପ୍ରଭୁଙ୍କୁ ଭକ୍ତି କରିଇଥାଏ। ପାଂଚ ବେଳାର ଉପାସନାକୁ ଅଭ୍ୟାସଗତ କରାଇପାରିଥାଏ। ମସଜିଦକୁ ପ୍ରତି ଦିନ ଯିବାର ଅଭ୍ୟାସ କରାଇ ଦେଇଥା। ସେ ସାଂସାରାିକ କାର୍ଯ୍ୟକଳାପ ଠାରୁ ଅଧିକ ଗୁରୁତ୍ୱ ଈଶ୍ୱର ଭକ୍ତିକୁ ଦେଇ ପାରିଥାଏ। ଦିନ ଦରିଦ୍ରର ସେବା ପାଇଁ ସର୍ବଦା ତତ୍‌ପରତା ଦେଖାଇଥାଏ। ମାନବ ସେବା ଦ୍ୱାରା ହିଁ ପ୍ରଭୁ ପ୍ରସନ୍ନତା ମିଳିପାରିବାର ରହସ୍ୟ ବୁଝିପାରିଥାଏ। ପରିଶେଷରେ ସେ ଜଣେ ମାନବ



ସର୍ବ ଶକ୍ତି ମାନ ଅଲ୍ଲାଃ, ମହାମାନବ ନବୀ ଶ୍ରେଷ୍ଠ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ଏବଂ ପବିତ୍ର କୋରାନ ସମଗ୍ର ମାନବ ଜାତି ପାଇଁ। ଏଥିରେ କୌଣସି ଭେଦଭାବ ରଖାଯାଇ ନାହିଁ। କେବଳ ଏହା ମୁସଲମାନ ମାନଙ୍କ ପାଇଁ ନୁହେଁ। ବରଂ ସମଗ୍ର ମାନବ ଜାତିର ମଙ୍ଗଳ ପାଇଁ। ପବିତ୍ର ରମଜାନ ମାସ ଏପରି ଏକ ପୁଣ୍ୟମାସ, ଯାହାକି ଭକ୍ତକୁ ତାର ଭକ୍ତି ଦ୍ୱାରା ଶକ୍ତି ପ୍ରାପ୍ତ କରାଇଥାଏ। ସେ ପାପିରୁ ପୁଣ୍ୟମ୍ମା ହୋଇ ପାରିଥାଏ। ଏହା ଏପରି ଏକ ତରବିୟତର ମାସ ଜଣେ ମଣିଷକୁ ସମସ୍ତ ପ୍ରକାରର ପୁଣ୍ୟକର୍ମ କରିବାର ଅଭ୍ୟାସ କରାଇ ଦେଇଥାଏ। କୁଅଭ୍ୟାସରୁ ଦୂରେଇ ଦେଇଥାଏ। ଭୋକ,ଉପାସ ରହିବା ଦ୍ୱାରା ସେ ଅସହାୟ,ଗରିବ, ଦୁଃଖି ଓ ଦରିଦ୍ରର ଦରଦକୁ ବୁଝିପାରିଥାଏ । ଯଦ୍ୱାରା ତା ମଧ୍ୟରେ ଗରିବ ପ୍ରତି ସହାନୁଭୂତିର ମନଭାବ ଜାଗ୍ରତ ହୋଇଥାଏ। ଶକ୍ତି ଓ ସାମର୍ଥ ଥାଇ ମଧ୍ୟ କାହାରି ପାଇଁ ସେ ତ୍ୟାଗ ଓ ତପସ୍ୟା କରିପାରିଥାଏ। ନିଜ ଉଚିତ୍ ହକ୍ ଅନ୍ୟ ପାଇଁ ଉତ୍ସର୍ଗ କରିଦେଇଥାଏ। ଭକ୍ତିରେ ହିଁ ଶକ୍ତିର ପ୍ରକୃତ ଭାବାର୍ଥକୁ ସେ ବୁଝି, ସେ ଶକ୍ତିକୁ ପ୍ରାପ୍ତ କରିବା ଆଶାରେ ଘୋର ତପସ୍ୟା କରିପାରିଥାଏ। ପ୍ରଭୁଙ୍କୁ ହୋଇ ମାନବିକତାର ମୂଲ୍ୟବୋଧକୁ ବେଶ ଭଲ ଭାବେ ବୁଝିପାରିଥାଏ। ଏହା ହିଁ ପବିତ୍ର ରମଜାନ ଶିକ୍ଷା ଦେଇଥାଏ। ସେହି ମାନବର ମାନବିକତାକୁ ସ୍ପଷ୍ଟ କରିବା ପାଇଁ ଇଦୁଲ ଫିତର ଆସିଥାଏ । ଇଦୁଲ ଫିତର ଖାଇବାର ଏବଂ ଖୁଆଇବାର ପର୍ବ। ଭକ୍ତ ଓ ଭଗବାନର ବାତ୍ସଲ୍ୟ ମମତାର ପର୍ବ। ତ୍ୟାଗ,ତପସ୍ୟା ଏବଂ ପ୍ରାପ୍ତିର ପର୍ବ। ଖୁସି,ହର୍ଷ ଓ ଉଲ୍ଲାସର ପର୍ବ। ଭାଇଚାରା, ସ୍ନେହ, ସମନ୍ୱତା, ଏବଂ ସଦ୍‌ଭାବନାର ପର୍ବ। ଶାନ୍ତି, ମୈତ୍ରୀ ଏବଂ ପ୍ରୀତିର ପର୍ବ। ସେବା , ସାହାଯ୍ୟ ଏବଂ ସହୋଯୋଗର ପର୍ବ। ଆସନ୍ତୁ ଆମେ ସବୁ ମାନବ ସମାଜ ମିଳି ମିଶି ଏକ ମନ ଏକ ପ୍ରାଣ ହୋଇ ସେହି ପରମ ସ୍ରଷ୍ଟାଙ୍କୁ ଚିହ୍ନିବା ଏବଂ ତାର ସୃଷ୍ଟି ପ୍ରତି ଉଦାର ମନଭାବ ପ୍ରକଟ କରିବା। ନିର୍ମଳ ମନ ଓ ଉଜ୍ଜଳ ଭବିଷ୍ୟତ ଗଠନ କରିବା। ସୁଖ ଶାନ୍ତିରେ ରହିବା ଏବଂ ଅନ୍ୟମାନଙ୍କୁ ସୁଖ ଶାନ୍ତିରେ ରହିବାକୁ ଦେବା। ଦେଶର ଉନ୍ନତି ଓ ପ୍ରଗତିରେ ସାହାଯ୍ୟ ଓ ସହଯୋଗ କରିବା।

*॥ ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସ୍ୟନ୍ତୁ ନିରାମୟା ॥*

**ମୌଲାନା ଫଜଲ ହକ ଖାନ**
*ଭୁବନେଶ୍ୱର, ମୋ: ୯୬୯୨୨୨୫୦୫୭*

# ପାନପୋଷ ଆଇଟିଡିଏ ଦୁର୍ନୀତିର ଗନ୍ତାଘର

ରାଉରକେଲା (ପିଏନ୍): ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଦୁର୍ନୀତିର ଏକ ଗନ୍ତାଘରରେ ପରିଣତ ହୋଇଛି । ସବୁ ନୀତି ନିୟମକୁ ଜଳାଂଜଳି ଦେଇ ଉକ୍ତ ସଂସ୍ଥାରେ କୋଟି କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ବିନା ଖୋଲା ଇ-ଟେଣ୍ଡରରେ କରାଯାଇଛି । ଦୀର୍ଘ ପ୍ରାୟ ଅଢେଇ ବର୍ଷରୁ ଅଧିକ ସମୟ ଧରି ଉକ୍ତ ସଂସ୍ଥାରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପଦବୀ ଖାଲି ପଡିଥିବା ବେଳେ ସୁନ୍ଦରଗଡ ଆଇଟିଡିଏରେ କାର୍ଯ୍ୟରତ ଥିବା ଉପନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଏହାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଗତ ତା-୮.୩.୨୧ରିଖ ଅର୍ଥାତ୍ ଗୋଟିଏ ବର୍ଷରୁ ଅଧିକ ସମୟ ଧରି ପାନପୋଷ ଆଇଟିଡିଏରେ ପ୍ରକଳ୍ପ ପ୍ରଶାସକ ପଦବୀ ଖାଲି ପଡିଥିବାରୁ ପାନପୋଷ ଉପଜିଲ୍ଲାପାଳ ଏହାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ତେଣୁ ଉକ୍ତ ସଂସ୍ଥାରେ ପୂର୍ଣ୍ଣକାଳୀନ ପ୍ରଶାସକ ନଥିବାରୁ ପରିସ୍ଥିତିର ସୁଯୋଗ ନେଇ ଦୁର୍ନୀତିର ମୁଖ୍ୟ ସୂତ୍ରଧର ଶ୍ରୀ ବେହେରା କୋଟି କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟକୁ ଭାଗ ଭାଗ କରି ବିନା ଇ-ଟେଣ୍ଡରରେ ନାମକୁ ମାତ୍ର ବିଭାଗୀୟ ଭିତ୍ତିରେ କରାଯାଉଛି ବୋଲି ଦର୍ଶାଇ ଶାସକ ବିଜେଡିର ଠିକାଦାରମାନଙ୍କ କାର୍ଯ୍ୟାନ୍ୱୟନ କରାଉଛନ୍ତି । ଫଳରେ ଟେଣ୍ଡର ନ ହେବା କାରଣରୁ ପାନପୋଷ ଆଇଟିଡିଏ ଟେଣ୍ଡର ବାବଦକୁ ବିପୁଳ ରାଜସ୍ୱ ହରାଇ ପ୍ରଭୃତ କ୍ଷତି ସହୁଛି, ଯାହାର ପ୍ରକୃଷ୍ଟ ଉଦାହରଣ ହେଉଛି ମୋ’ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ। ରାଉରକେଲାର ୧୦ଟି ସ୍କୁଲ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ମୁର ହୋଇଥିବା ୬ କୋଟି ଟଙ୍କାର କାର୍ଯ୍ୟରୁ ପ୍ରାୟ ୩ କୋଟି ୭୦ ଲକ୍ଷରୁ ଅଧିକ ଟଙ୍କାର କାର୍ଯ୍ୟକୁ ଟେଣ୍ଡର ନ କରି ଶାସକ ଦଳର ଠିକାଦାରଙ୍କୁ ବାଣ୍ଟି ଦେବା । ସେହିପରି ଟେଣ୍ଡର ନୋଟିସ୍ ନମ୍ବର ୧୬୨୮/୧୧.୧୦.୨୧ରେ ଝିରିପାଣି ସରକାରୀ ହାଇସ୍କୁଲର ଭିତ୍ତିଭୂମି ଉନ୍ନୟନ ପାଇଁ ହୋଇଥିବା ଟେଣ୍ଡରରେ ପ୍ରକଳ୍ପର ଅଟକଳ ମୂଲ୍ୟ ଠାରୁ ୩ ଜଣ ଠିକାଦାର ୯.୯୯ ପ୍ରତିଶତ କମ୍ ମୂଲ୍ୟ ଉଲ୍ଲେଖ କରି ଏଲ୍-୧ ହୋଇଥିବା ବେଳେ ୯.୯୦ ପ୍ରତିଶତ ମୂଲ୍ୟ ଉଲ୍ଲେଖ କରି ଏଲ୍-୨ ହୋଇଥିବା ଜନୈକ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦେବାରେ ଶ୍ରୀ ବେହେରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତେବେ ଗଣମାଧ୍ୟମରେ ଏହା ପ୍ରକାଶ ପାଇବାରୁ ପ୍ରଶାସକ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳଏହି କାର୍ଯ୍ୟାଦେଶକୁ ବାତିଲ୍ କରି ଗତ ତା-୩୦.୧୧.୨୧ ରିଖରେ ଏଲ୍-୧ ଠିକାଦାରଙ୍କ ମଧ୍ୟରେ ଲଟେରୀ କରାଇ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ତେବେ ବେଆଇନ୍ ଭାବେ ମନ୍ଦ ଉଦ୍ଦେଶ୍ୟ ରଖି ଏଲ୍-୨ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶ୍ରୀ ବେହେରାଙ୍କ ବିରୁଦ୍ଧରେ କିଂ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ସେହିପରି ପାନପୋଷ ଆଇଟିଡିଏ ଅଫିସକୁ ସମ୍ପୂର୍ଣ୍ଣ ବାତାନୁକୂଳିତ କରିବାକୁ ଯାଇ ଶ୍ରୀ ବେହେରା ବେଆଇନ୍ ଭାବେ ମନଇଚ୍ଛା ପ୍ରାୟ ୨୨ ଲକ୍ଷ ଟଙ୍କାର କାମକୁ ଭାଗ ଭାଗ କରି ବିଭାଗୀୟ ଭିତ୍ତିରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ଖର୍ଚ୍ଚ କରିଛନ୍ତି । କେଉଁ ନିୟମ ବଳରେ ବିନା ଟେଣ୍ଡରରେ ଏହି କାର୍ଯ୍ୟ କରାଗଲା ଓ ଏଥିପାଇଁ କ’ଣ ଜରୁରୀ ଆବଶ୍ୟକତା ଥିଲା ତାହା ତଦର୍ନ୍ତ ସାପେକ୍ଷ । ତେବେ ଶାସକ ବିଜୁ ଜନତା ଦଳର ସ୍ଥାନୀୟ ବିଧାୟକଙ୍କ ପୃଷ୍ଠପୋଷକତାରେ ଶ୍ରୀ ବେହେରା ଏଭଳି ବେଆଇନ୍ କାର୍ଯ୍ୟ ଚଳାଇଥିବା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ ଲଗାମ୍ ଦିଆଯାଇପାରୁ ନାହିଁ ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଛି । ତେବେ ସବୁଠାରୁ ବିସ୍ମୟକର ବିଷୟ ହେଉଛି, ଶ୍ରୀ ବେହେରାଙ୍କର ପଦୋନ୍ନତି ହୋଇ ତାଙ୍କ ମୂଳ ଜଳ ସମ୍ପଦ ବିଭାଗକୁ ଗତ ତା-୧୬.୮.୨୧ ରିଖରୁ ପ୍ରତ୍ୟାବର୍ତ୍ତନ ପାଇଁ ନିର୍ଦ୍ଦେଶ ହୋଇଥିଲେ ହେଁ ଅଦ୍ୟାବଧି ଶ୍ରୀ ବେହେରା ସୁନ୍ଦରଗଡ ଆଇଟିଡିଏରେ ଉପନିର୍ବାହୀ ଯନ୍ତ୍ରୀ ଭାବେ ରହି ରାଉରକେଲା ଆଇଟିଡିଏର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଅତିରିକ୍ତ ସଚିବ ତାଙ୍କ ଚିଠି ସଂଖ୍ୟା ୧୫୬୦୮/୧୬.୮.୨୧ ରିଖରେ ଶ୍ରୀ ବେହେରାଙ୍କର ମୂଳ ଜଳ ସମ୍ପଦ ବିଭାଗକୁ ପ୍ରତ୍ୟାବର୍ତ୍ତନ ପାଇଁ ଅଫିସ ଅର୍ଡର ଜାରି କରି ଏହାର ମେମୋ ନମ୍ବର ୧୫୬୧୨ରେ ସୁନ୍ଦରଗଡ ଜିଲ୍ଲାପାଳ ଓ ସୁନ୍ଦରଗଡ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ସୂଚନା ଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରାଇଥିଲେ ହେଁ ତାଙ୍କ ଅର୍ଡରକୁ ଫାଇଲତଳେ ଚାପି ଦିଆଯାଇଛି । ତେବେ ଶ୍ରୀ ବେହେରା ସୁନ୍ଦରଗଡ ଆଇଟିଡିଏ ନ ଛାଡିବାର କାରଣ କେବଳ ଉଭୟ ଆଇଟିଡିଏରେ ଚଳାଇଥିବା ଟେଣ୍ଡର ଦୁର୍ନୀତି ନୁହେଁ, ଏହା ସହିତ ଶ୍ରୀ ବେହେରା ବଣେଇଁ ଆଇଟିଡିଏକୁ ପ୍ରଭାବିତ କରି ସେଠାରେ ତାଙ୍କର ଦୁଇଜଣ ସମ୍ପର୍କୀୟ ଉମାକାନ୍ତ ବେହେରା ଓ ରାନୁ ବେହେରାଙ୍କ ନାଁରେ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମୋ’ ସ୍କୁଲ ଅଭିଯାନ ଅଂର୍ଗତ ତିନୋଟି ସ୍କୁଲର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ, ୨ଟି ଅଡିଟୋରିୟମର ନିର୍ମାଣ କାର୍ଯ୍ୟ ଓ ୨ଟି ହଷ୍ଟେଲର ଠିକା କାର୍ଯ୍ୟ ଚଳାଇଛନ୍ତି । ତେବେ ଉମାକାନ୍ତ ବେହେରା ଓ ରାନୁ ବେହେରା କିଏ ଓ ସେମାନେ କିପରି ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠିକାକାମ କରୁଛନ୍ତି ଏବଂ ସେମାନଙ୍କର ଶ୍ରୀ ବେହେରାଙ୍କ ସହିତ କି ସମ୍ପର୍କ ରହିଛି, ଏ ସମସ୍ତ ବିଷୟରେ ଭିଜିଲାନ୍ସ ତଦର୍ନ୍ତ ହେଲେ ଅନେକ ଦୁର୍ନୀତି ଲୋକ ଲୋଚନକୁ ଆସିପାରିବ । ତେବେ ବିଡମ୍ବନାର ବିଷୟ ହେଉଛି, ପାନପୋଷ ଆଇଟିଡିଏ କାର୍ଯ୍ୟାଳୟରେ ୨ଟି କନିଷ୍ଠ ଯନ୍ତ୍ରୀ ପଦବୀ ରହିଥିବା ବେଳେ ଗତ କିଛିମାସ ତଳେ ଜଣେ ତୃତୀୟ କନିଷ୍ଠ ଯନ୍ତ୍ରୀ ଏଠାରେ ଅବସ୍ଥାପିତ ହୋଇଛନ୍ତି । ତେବେ ତାଙ୍କ ପାଇଁ ପଦବୀ ନଥିବା ବେଳେ ସେ କିପରି ପୋଷ୍ଟିଂ ହେଲେ ଓ କେଉଁଠାରୁ ଦରମା ପାଉଛନ୍ତି, ନା କେବଳ ପିସି ନେଇ ସଂପୃଷ୍ଟ ହେଉଛନ୍ତି ତାହା ମଧ ତଦର୍ନ୍ତ ସାପେକ୍ଷ। ତେବେ ବାରମ୍ବାର କଂଗ୍ରେସ ଆଇଟିଡିଏର ଦୁର୍ନୀତି ବାବଦରେ ସ୍ୱର ଉତ୍ତୋଳନ କରି ଧାରଣା ଓ ବିକ୍ଷୋଭ କରିବା ସହିତ ଆଇଟିଡିଏ ଦୁର୍ନୀତିର ତଦର୍ନ୍ତ ପାଇଁ ଦାବି କରିଆସୁଛି । ଗତ ୨୫.୬.୨୧ ରିଖରେ ଆଇଟିଡିଏ କାର୍ଯ୍ୟାଳୟ ଘେରାଉ କରି ମୋ’ ସ୍କୁଲ ଭିତ୍ତିଭୂମି ବିକାଶ କାର୍ଯ୍ୟ ଦୁର୍ନୀତିର ତଦର୍ନ୍ତ ପାଇଁ ଦାବି କରିଥିବା ବେଳେ ଗତ ୫.୭.୨୧ ତାରିଖରେ ପୁନଶ୍ଚ ଧାରଣା ଦିଆଯାଇ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ୫-ଟି ସଚିବଙ୍କୁ ଏହି ଦୁର୍ନୀତିର ତଦର୍ନ୍ତ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ତେବେ ସମସ୍ତେ କେଉଁ ଏକ ଅଜଣା କାରଣରୁ ଏହି ଦୁର୍ନୀତି ପ୍ରତି ଆଖିବୁଜି ଦେଇଥିବାରୁ ଏସବୁ ଦୁର୍ନୀତିର ମୁଖ୍ୟ ନାୟକ ଶ୍ରୀ ବେହେରା ବେପରିକର ଦୁର୍ନୀତିମୂଳକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ତେବେ ସମ୍ପ୍ରତି ଆଇଟିଡିଏରେ ହୋଇଥିବା ଟେଣ୍ଡର ଦୁର୍ନୀତି ସାଙ୍ଗକୁ ଶ୍ରୀ ବେହେରାଙ୍କ ସମ୍ପର୍କୀୟଙ୍କ ଠିକାଦାରୀ ବାବଦରେ ଭିଜିଲାନ୍ସ ତଦର୍ନ୍ତ ହେଲେ କିପରି ଆଇଟିଡିଏରେ ସରକାରୀ ଅର୍ଥର ଲୁଟ୍‌ତରାଜ ଚାଲିଛି ତାହା ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ସେନାପତି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେନାପତିଙ୍କ ସମେତ ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଅନ୍ୟତମ ଉପସଭାପତି କୀର୍ତ୍ତନ ଦାସ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ କୈଳାସ ଚନ୍ଦ୍ର ସାହୁ, ବ୍ଲକ୍ ସଭାପତି ବିଜୟ ଆପଟ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, ସେବାଦଳର ବୁଲୁ ଦାସ ଓ ଭାସ୍କର ଖିଲ୍ଲାର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜନସଚେତନତା ପଦଯାତ୍ରା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ କେନ୍ଦ୍ରାପଡାରେ ବହୁ ପ୍ରତିକ୍ଷୀତ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଦୀର୍ଘ ଦିନ ଧରି ଚାଲିଥିବା ଆନ୍ଦୋଳନ ଗତ ସୋମବାର ଏକ ନିର୍ଣ୍ଣାୟକ ମୋଡ ନେଇଛି। କେନ୍ଦ୍ରାପଡା ସହରର ସିଦ୍ଧ ଶ୍ରୀବଳଦେବୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ଶହ ଶହ ଜିଲ୍ଲାବାସୀଙ୍କୁ ନେଇ ଏକ ଜନସଚେତନତା ପଦଯାତ୍ରା ସକାଳ ୮ ଟାରୁ ବାହାରି ସହର ପରିକ୍ରମା କରି ନୂଆବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ସହରର ବିଭିନ୍ନ ଛକ ଜାଗା ମାନଙ୍କରେ ପଦଯାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ସହିତ ହୁଳହୁଳିରେ ସହର ଫାଟିପଡୁଥିଲା। ଶହ ଶହ ସଂଖ୍ୟାରେ ତୁଳସୀ ମହିଳା ବିଦ୍ୟାଳୟ ଓ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ଏଥିସହିତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ କର୍ମୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସମସ୍ତଙ୍କର ଗୋଟିଏ ସ୍ୱର ଥିଲା କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଆମର ଦାବି। ଏହି ମିଳିତ କ୍ରୀୟାନୁଷ୍ଠାନ କମିଟିର ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଆବାହକ ମଣ୍ଡଳ ସଦସ୍ୟ ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ଆଦିକନ୍ଦ ରାଉଳ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ମୁକ୍ତାର ଖାଁ, ରାଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ପରିଚାଳିତ ଏହି ଜନଚେତନା ପଦଯାତ୍ରାକୁ ସଫଳ କରିବା ପାଇଁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଗଣେଶ ଚନ୍ଦ୍ର ମେକାପ, ମାଧବ ଦାସ, ମହେନ୍ଦ୍ର ପରିଡା, ଅମୀୟ ନାୟକ, ବିଧୁଭୂଷଣ ମହାପାତ୍ର, ବିଜୟ ପରିଡା, ନାରଦ ବିଶ୍ୱାଳ, ବିକାଶ ଚନ୍ଦ୍ର ବେଉରା, ନରୋତମ ପାର୍ଥ ସାରଥି ପ୍ରମୁଖ ସାମିଲ ହୋଇଥିଲେ। ନୂଆବସଷ୍ଟାଣ୍ଡ ଠାରେ ପଦଯାତ୍ରୀ ମାନେ ପହଞ୍ଚିଲା ପରେ ଅନୁଷ୍ଠାନରେ ସଭାପତି ପ୍ରଫେସର ଅଜୟ ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବକ୍ତାମାନେ ନିଜର ବକ୍ତବ୍ୟ ପ୍ରଦାନ କରି ତୁରନ୍ତ ୧୫ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ କେନ୍ଦ୍ରାପଡା ଜିଲ୍ଲା ଯେଉଁଠି ଜାତୀୟ ରାଜପଥ, ରେଳପଥ ସହିତ ନଦୀ ନାଳ ଘେରା ଦୁର୍ଗମ ଅଞ୍ଚଳରେ ରୋଗୀମାନେ ଠିକ ଭାବେ ସେବା ପାଇପାରୁନାହାନ୍ତି। ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ କଟକ ଭୁବନେଶ୍ୱରକୁ ଯିବା ବେଳେ ବାଟରେ ପ୍ରାଣହାନୀ ଘଟୁଛି। ଯେଉଁ ଜିଲ୍ଲାରେ ଗୋଟିଏ ଡାଇଲେସିସ ମେସିନ ଟିଏ ମଧ୍ୟ ନାହିଁ। ଏସମ୍ପର୍କରେ ତୁରନ୍ତ ସରକାର ନିଷ୍ପତି ଗ୍ରହଣ କରି କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ ପାଇଁ ନିବେଦନ କରିଥିଲେ। ଏହି ଜନସଚେତନା ପଦଯାତ୍ରାରେ ଯୋଗଦେଇ ଉପେନ୍ଦ୍ର ପ୍ରଧାନ, ରାଧାକାନ୍ତ ଅଧିକାରୀ, ସୁରେଶ ପଟ୍ଟନାୟକ, ରମେଶ ଚନ୍ଦ୍ର ମଲ୍ଲିକ, ସୌକତ ଅଲ୍ଲୀ ଖାନ, ଭାଗିରଥୀ ଜେନା, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଗୋରାଙ୍ଗ ସ୍ୱାଇଁ, ଅଭିମନ୍ୟୁ ରାଉତ, ନିମାଇଁ ଚରଣ କର, ମାନସ ବେଉରା, ମଧୁସୂଦନ ବାରିକ, ବିକାଶ ଚନ୍ଦ୍ର ବେହେରା, ଭାଗ୍ୟଶ୍ରୀ ଚୂଳି, ସସ୍ମିତା ବେହେରା, ଅକ୍ଷୟ କୁମାର ବେହେରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ କାଉନସିଲର ହିଫଜୁର ରହେମାନ, ଅଙ୍କୁର ପଲେଇ, ବସନ୍ତ ସେଠୀ, ଛାତ୍ର ନେତା ଶୁଶ୍ରୀ ସଙ୍ଗୀତା ଦାଶ, କରିନା ବେହେରା, ଭଜହରି ପ୍ରଧାନ ପ୍ରଭୃତି ବକ୍ତବ୍ୟ ପ୍ରଦାନ କରି ଆନ୍ଦୋଳନର ସଫଳତା ପାଇଁ ବକ୍ତବ୍ୟ ପ୍ରଦାନ କରିବା ସହ ଯଦି ମେଡିକାଲ କଲେଜ ପ୍ରତିଷ୍ଠା ନହୁଏ ତେବେ ଜିଲ୍ଲା ବ୍ୟାପି ବ୍ୟାପକ ଜନଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନ ପାଇଁ ବଜାରରୁ ସଂଗ୍ରାମୀ ପାଣ୍ଠି ଆଦାୟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ଉତ୍ସାହିତ କରିଥିଲେ। ଶେଷରେ ସୀତାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଏପ୍ରିଲ ୩୦**

# ଭାରତୀୟ ଶିକ୍ଷା, ଶିକ୍ଷିତ ଓ ଶିକ୍ଷା ନୀତି-୩



ସଂକୁଚିତ ମନୋଭାବ, ଦୁର୍ବଳ ଭବିଷ୍ୟଦ୍ରଷ୍ଟା ବିଚାର ହେତୁ ପ୍ରଚଳିତ ପ୍ରଥା ସହିତ ନିଜକୁ ସମାନ୍ତରାଳ କରି ଯେକୌଣସିମତେ ଜୀବନ ଅତିବାହିତ କରିବା ଲକ୍ଷ୍ୟ ରଖିଥିବା ମଣିଷ ସମସ୍ତେ । ଯଥୋଚିତ ଶିକ୍ଷଣୀୟ ବିଷୟ ମଧ୍ୟରୁ ନିଜକୁ ସୁହାଇଲା ଭଳି ନିର୍ଦ୍ଧାରିତ ବିଷୟ ଉପରେ ଆଧାରିତ ଶିକ୍ଷା ଅର୍ଜନ କରି ସାମାଜିକ ମାନ୍ୟତା ସହିତ ରୋଜଗାର ପନ୍ଥା ଅନ୍ୱେଷଣ ତଥା ସେଇଥିରେ ନିଜ ଜୀବନକୁ ସାର୍ଥକ କରିବା ଲକ୍ଷ୍ୟ ରହିଥାଏ ସମସ୍ତଙ୍କର । ଶିକ୍ଷା ଅର୍ଜନ କରି ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରିବା ଭଳି ବିଚାରଧାରା ଦେଖିବା ବିରଳ ଆଜି ସମୟର ବ୍ୟବସାୟିକ ଶିକ୍ଷା ପଦ୍ଧତିରେ । ତଥାପି ସେହି ବ୍ୟବସାୟିକ ଶିକ୍ଷା ପଦ୍ଧତିକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣୀୟତା ଦେଖିବାକୁ ମିଳୁଛି ଯାହାର ରୁଚି ଏକ ଭିନ୍ନ ଦିଗରେ ହୋଇଥାଏ । ଶିକ୍ଷାକୁ ପାରିପାର୍ଶ୍ୱିକ ଜ୍ଞାନର ଉତ୍ସ ଭାବେ ବ୍ୟବହାର କରି ରୋଜଗାରକୁ ଭିନ୍ନ ଦିଗରେ ପରିଚାଳିତ କରିବା ପ୍ରକୃତ ମାନବିକ ଧର୍ମ, ଯାହା ଭାରତୀୟ ଶିକ୍ଷା ନୀତି, ସଂସ୍କାର ଶିଖାଇଥାଏ । ବର୍ତ୍ତମାନ କିନ୍ତୁ ଆଉ ସେସବୁ କାହାକୁ ଭଲ ଲାଗିବ ନାହିଁ, କାରଣ ସାମାଜିକ ପରିସ୍ଥିତି, ପରିବେଶ କେବଳ ପାଶ୍ଚାତ୍ୟ ଭାବଧାରାରେ ପ୍ରଚଳିତ ଦେଖିବାକୁ ମିଳୁଛି ଆମ ଦେଶରେ । ଆମ ଦେଶ ଶାସନ, ପ୍ରଶାସନରେ ନିଯୁକ୍ତ ଶିକ୍ଷିତଙ୍କ ମଧ୍ୟରୁ କେତେଜଣ ଜ୍ଞାନୀ, ମାନବିକ ଚେତନାଶୀଳ ମଣିଷ ରହିଛନ୍ତି ସେସବୁ ସମସ୍ତଙ୍କୁ ଜଣା । ଭାରତୀୟ ସଂସ୍କାରରହିତ ସେହି ଅମାନବୀୟ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିରେ ସଂଭୂଷିତ ଅଜ୍ଞାନ ଶିକ୍ଷିତଙ୍କ ଅମାନୁଷିକ, ଅସାମାଜିକ କାର୍ଯ୍ୟଧାରା ଏବଂ ଅହଂଭାବ ହେତୁ ଆମ ଦେଶରେ ଘଟୁଥିବା ଅସାମାଜିକ, ଭ୍ରଷ୍ଟାଚାରଜନିତ ରାଷ୍ଟ୍ରୀୟ ଦୁର୍ଗତି ବିଷୟ ପ୍ରାୟତଃ ଅନେକ ଲୋକଙ୍କୁ ବୁଝାପଡୁଛି । କିନ୍ତୁ ପରିବେଶ, ପରିସ୍ଥିତି କାରଣରୁ କୌଣସି ପରିବର୍ତ୍ତିତ ନୂତନ ସଂସ୍କାରମୂଳକ ପଦକ୍ଷେପ ନେବା ସମ୍ଭବ ହେଉନାହିଁ । ରାଜତନ୍ତ୍ରର କଠୋରତା ମଧ୍ୟରେ ଗଣତନ୍ତ୍ରର ସମ୍ଭାଷଣ ଆମକୁ ଏକ କୌତୂହଳପୂର୍ଣ୍ଣ ସମାଜରେ ଅବସ୍ଥାପିତ କରିଛି ଏମିତି ଯେ ତାହାର ପ୍ରତିକାର କରାଯିବା ବାଟ ମିଳୁନାହିଁ କାହାକୁ !! କେବଳ ଶିକ୍ଷାକୁ ସଂକୁଚିତ କରି ଅଜ୍ଞାନ ମଣିଷଗୁଡିକ ସୃଷ୍ଟି ହେବା ଫଳରେ ଦେଶର ପରିସ୍ଥିତି ଏମିତି ହେବାରେ ଲାଗିଛି, ଯାହା ପାଶ୍ଚାତ୍ୟ ବ୍ୟାପାରୀଙ୍କ ସାଙ୍ଘାତିକ ଷଡ଼ଯନ୍ତ୍ର ଛଡା ଆଉ କିଛି ନୁହେଁ, ଯାହା କାହାକୁ ଭବାନ୍ତର୍ଭୂକ୍ତ ହେବା ପରିବର୍ତ୍ତେ ଯଥେଷ୍ଟ ଆନନ୍ଦ ଦେଇ ଚାଲିଥିବା ଅତ୍ୟନ୍ତ ଦୁଃଖଦ, ମର୍ମସ୍ପର୍ଶୀ ବିଷୟ ଆଜି ସମୟରେ ଦେଖିବାକୁ ମିଳୁଛି ଆମ ଦେଶରେ ।

ସମ୍ପୃକ୍ତ କ୍ରୀତଦାସ ଶିକ୍ଷାନୀତିକୁ ପରିବର୍ତ୍ତନ କରି ଭାରତୀୟ ମନୋଭାବ ସୃଷ୍ଟି କରାଗଲେ ସାଧାରଣ ମଣିଷ ଜୀବନ ଅତ୍ୟନ୍ତ ସୁଖମୟ ହୋଇପାରିବ ଯାହା ଶିକ୍ଷିତ ଦାସତ୍ୱ ପ୍ରଥାଠାରୁ ଯଥେଷ୍ଟ ଉନ୍ନତ । ବ୍ୟାପାରୀ କିନ୍ତୁ ଶିକ୍ଷାକୁ ବ୍ୟବସାୟ ମାଧ୍ୟମରେ ପ୍ରଚଳିତ କରି ପୁନଃ ଶିକ୍ଷା ଅର୍ଜନ ପରେ ସେମାନଙ୍କୁ ନିଶ୍ଚିତ ରୋଜଗାର ଯୋଗାଇ ଦେବା ପ୍ରତିଶ୍ରୁତିବଦ୍ଧତା ମଧ୍ୟରେ ଜନମାନସକୁ ଏମିତି ଅସନ୍ତୁଳିତ କରି ରଖିଛନ୍ତି ଯାହା କୌଣସି ଲୋକଙ୍କ ତର୍ଜମା ସମାଲୋଚନା ଅନ୍ତର୍ଭୁକ୍ତ ହେବା ପରିବର୍ତ୍ତେ ସେଗୁଡିକୁ ଉତ୍ତମ ନଜରରେ ଦେଖୁଛନ୍ତି ସମସ୍ତେ । ସାଧାରଣ ନିର୍ବୋଧ ସେଗୁଡିକ ପ୍ରତି ସଚେତନ ହେବା ପରିବର୍ତ୍ତେ ନିଜର ସୌଭାଗ୍ୟ ବୋଲି ମନେକରୁଛନ୍ତି । ବ୍ୟବସ୍ଥାରେ ରହିଥିବା ଉଚ୍ଚସ୍ଥାନିତମାନଙ୍କର ଜ୍ଞାନର ସୀମା କେତେ, ଆମେ ସମସ୍ତେ ଜାଣୁ । ତେଣୁ ବ୍ୟବସ୍ଥାପିତ ସାମାଜିକ ଆଇନ ମଧ୍ୟ ଆମ ସଂସ୍କୃତି ପ୍ରତି କୌଣସି ଅନୁରକ୍ତି ନରଖି ସମୟଧାରାରେ ଭାରତୀୟ ମନୋଭାବକୁ ସଂକୁଚିତ, କଳୁଷିତ କରିବାରେ କେବଳ ପାଶ୍ଚାତ୍ୟ ଢାଞ୍ଚାକୁ ହିଁ ସର୍ବୋତ୍କୃଷ୍ଟ ବୋଲି ବିଚାରି ଦିନକୁ ଦିନ ଆମ ଦେଶରେ ଅଧିକରୁ ଅଧିକ ପାଶ୍ଚାତ୍ୟ ଶିକ୍ଷାନୀତି ପ୍ରୟୋଗ କରିବାରେ ଲିପ୍ତ ଦେଖିବାକୁ ମିଳୁଛି । ସମାଜରେ ରହିଥିବା ଭାରତୀୟ ଚେତନଶୀଳ ମଣିଷଙ୍କ ସ୍ଥିତି ଗମ୍ବୁଜ ମଧ୍ୟରେ ରହିଥବା ବେଳେ ଅଜ୍ଞାନ, କୁସଂସ୍କାରି, ଅସାମାଜିକ ବ୍ୟକ୍ତିଙ୍କ ସ୍ଥାନ ଶୀର୍ଷରେ ରହିଥିବା ସମସ୍ତଙ୍କୁ ଗୋଚର ! ନିର୍ବୋଧଙ୍କୁ ପିଢ଼ିକୁ ପିଢ଼ି ଅଜ୍ଞାନ କରି ରଖି ଦାନ, ଧର୍ମ କରି ସେମାନଙ୍କଠାରୁ ସହମତି ପାଇ କେଳେଙ୍କାରୀ ମଣିଷଗୁଡିଏ ବ୍ୟବସ୍ଥାରେ ଶୀର୍ଷସ୍ଥାନିତ ହୋଇ ଚଳାଉଥିବା ଭାରତୀୟ ସାମାଜିକ ବ୍ୟବସ୍ଥାର ରୂପରେଖ ଯାହା, ବୁଝିବା ମଣିଷ ଅତ୍ୟନ୍ତ କମ୍ ! ତେଣୁ ଆମ ଦେଶର ପରିସ୍ଥିତି ଦିନକୁ ଦିନ ସଂକୁଚିତ ଅବସ୍ଥାକୁ ଆସୁଥିବା ବୁଝିପାରନ୍ତି ନାହିଁ ସାଧାରଣ ଜନତା । କେବଳ ଶିକ୍ଷାନୀତିକୁ ଯଦି ସମ୍ପୂର୍ଣ୍ଣ ସଂସ୍କୃତ କରାଯିବ, ତାହାହେଲେ ସାଧାରଣ ମଣିଷଗୁଡିକ ଜ୍ଞାନ ଅର୍ଜନ କରି ସତ୍ୟ, ଅସତ୍ୟର ସମୀକ୍ଷା କରିବାରେ ସମର୍ଥ ହୋଇପାରିଲେ କେଳେଙ୍କାରୀଙ୍କ ସ୍ଥାନ ରହିବ ନାହିଁ ଉପରେ ବୋଲି ବିଚାର କରି ଭାରତୀୟ ଶିକ୍ଷାନୀତିକୁ ଷଡ଼ଯାନ୍ତ୍ରିକ ପଦ୍ଧତିରେ ଉପର ଚିକ୍କଣ ଭିତର ମହାକାଳ ଫଳ ସଦୃଶ ରଖିବାରେ ଉଦ୍ୟମରତ ଦେଶଦ୍ରୋହୀଙ୍କୁ ବିତାଡିତ କରି ପ୍ରକୃତ ଜ୍ଞାନୀ ଗୁଣୀ ଲୋକଙ୍କ ମାଧ୍ୟମରେ ତାହାର ପରିବର୍ତ୍ତନର ସ୍ୱର ଉତ୍ତୋଳନ ପୂର୍ବକ ଏକ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି, ଯାହା ସମ୍ଭବ ହେବାଭଳି କୌଣସି ସୂଚନା ମିଳୁନାହିଁ ଆଜି ସମୟରେ ! ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ରହିଥିବା ଅଭାବନୀୟତାଗୁଡିକ ସମୀକ୍ଷା କରିବା ଏକ ବ୍ୟାପକ ଜଟିଳ ବିଷୟ, ଯାହା ଏତେ କମ୍ ଲେଖା ମାଧ୍ୟମରେ ସମ୍ଭବ ନୁହେଁ । ଆମ ଦେଶ ଶିକ୍ଷା ବ୍ୟବସ୍ଥା, ଶିକ୍ଷାନୀତିଗୁଡିକୁ ପ୍ରକୃତ ପରିମାର୍ଜିତ କରିବା ଚେଷ୍ଟା ଆରମ୍ଭ କରାଗଲେ ହୁଏତ କେତେ ବର୍ଷ ସମୟ ଆବଶ୍ୟକ ସେଗୁଡିକୁ ପରିମାର୍ଜିତ କରି ସାଧାରଣ ଲୋକଙ୍କୁ ପ୍ରକୃଷ୍ଟ ଶିକ୍ଷା ଦିଆଯିବା ପାଇଁ ।। ଆମ ଶିକ୍ଷା ବ୍ୟବସ୍ଥାରେ ଏକ ବ୍ୟପାକ ଭାରତୀୟ ମନୋଭାବସମ୍ପନ୍ନ ମନୋବୈଜ୍ଞାନିକ କୌଶଳ ଅବଲମ୍ବନ କରି ଶିକ୍ଷା ପଦ୍ଧତିରେ ଆମ ପୂର୍ବଜଙ୍କ ସ୍ମୃତିକୁ ଫେରାଇ ଆଣିବାକୁ ଚେଷ୍ଟା କରା ନ ଗଲେ ଆସନ୍ତା ସମୟରେ କେବଳ କ୍ରୀତଦାସଙ୍କ ବାସସ୍ଥଳ ଭାରତ ବୋଲି କୁହାଯିବା ଛଡା କୌଣସି ଭଲ ହେବା ସମ୍ଭାବନା ଶୂନ୍ୟ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି କ'ଣ...??

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

ତ୍ୟାଗ ହିଁ ଶାନ୍ତିର ମୂଳକାରଣ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଶ୍ରମିକ ଦିବସ: ସେଦିନ - ଆଜି - କେତେ ତଫାତ୍ !



୧୮୯୬ ମସିହା ମଇ ପହିଲାର ପୂର୍ବବର୍ତ୍ତୀ ଦିବସଗୁଡିକ ଥିଲା-ଅନ୍ଧକାରର ଯୁଗ । ସାମ୍ରାଜ୍ୟବାଦୀ, ପୁଂଜିବାଦୀ, ସାମନ୍ତବାଦୀ, ଦାସ ମାଲିକମାନଙ୍କର ଚରାଭୂଇଁ ଥିଲା ସମଗ୍ର ବିଶ୍ୱ । ଶ୍ରମଜୀବୀ ଶ୍ରେଣୀ ଥିଲା-କ୍ରୀତଦାସ । ପଶୁଠାରୁ ଆହୁରି ହୀନ ଜୀବନଯାପନ କରୁଥିଲେ ଶ୍ରମିକମାନେ । ଜଣେ ଜଣେ ମାଲିକ ହଜାର ହଜାର ଶ୍ରମିକଙ୍କୁ ରାତିଦିନ ପଶୁ ଭଳି ଖଟାଉଥିଲେ । ପ୍ରତିରୋଧ ଦୂରେ ଥାଉ, ପ୍ରତିବାଦର କ୍ଷୀଣଶବ୍ଦଟାଏ ମଧ୍ୟ ଶ୍ରମିକକଣ୍ଠରୁ ଶୁଭୁ ନ ଥିଲା । ଶ୍ରମିକମାନଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ, ବ୍ୟଭିଚାର ଚରମସୀମା ଲଂଘନ କରିସାରିଥିଲା । ମୁଖମଣ୍ଡଳରେ ସାମାନ୍ୟ ଅସନ୍ତୋଷର ପୁରସ୍କାର ଥିଲା-ଜଘନ୍ୟ ମୃତ୍ୟୁ । ଶ୍ରମିକମାନେ ଅଶାନ୍ତି ଅସନ୍ତୋଷରେ ଜର୍ଜରିତ ବହ୍ନି ସେମାନଙ୍କ ମଧ୍ୟରେ ପ୍ରଜ୍ୱଳିତ ହେଉଥାଏ, କିନ୍ତୁ ବିସ୍ଫୋରଣ ହେବାକୁ ଅହରହ ରାସ୍ତା ଖୋଜୁଥାଏ । ସଚେତନ ସଂଗଠିତ ଶକ୍ତି-ଗୋଷ୍ଠୀ-ଦଳ ଅଭାବରୁ ସବୁ ଫସର ଫାଟିଯାଉଥିଲା ।

ଆନ୍ତର୍ଜାତିକ ଶ୍ରମିକ ଦିବସରେ ଐତିହାସିକ ଦିଗ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ, ୟୁରୋପର ବିଭିନ୍ନ ଦେଶମାନଙ୍କରେ ଶ୍ରମିକମାନଙ୍କୁ ପଶୁମାନଙ୍କ ଭଳି ବ୍ୟବହାର କରାଯାଉଥିଲା । ଶିଳ୍ପପତିମାନେ ଅତ୍ୟଧିକ ମୁନାଫା ବଢାଇବା ଲାଳସାରେ ଶ୍ରମିକମାନଙ୍କ ଉପରେ ଅକଥନୀୟ କାମର ବୋଝ ଲଦି ଦେଉଥିଲେ । ସେମାନଙ୍କୁ ଦୈନିକ କୋଡିଏ ଘଂଟା ଲେଖାଏଁ କଠିନ ପରିଶ୍ରମ କରିବାକୁ ପଡୁଥିଲା । କୌଣସି ସାମାଜିକ ଆଇନ କାନୁନ ନଥିଲା । କାମରେ ହେଳାକଲେ ଅଶ୍ଳୀଳ ଗାଳିଗୁଲଜ, ଚାବୁକ୍‌ମାଡ ଓ ପାଶବିକ ଅତ୍ୟାଚାର ମଧ୍ୟ ସେମାନଙ୍କୁ ସହ୍ୟକରିବାକୁ ପଡୁଥିଲା । କଳକାରଖାନାର ପଚାପୂତିଗନ୍ଧମୟ ଆବର୍ଜନା ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଅସଂଖ୍ୟ କିଶୋରକିଶୋରୀ ଯୌବନରେ ପାଦ ନ ଦେଉଣୁ ଅକାଳରେ ମୃତ୍ୟୁବରଣ କରୁଥିଲେ । ଶ୍ରମିକମାନେ ଅକାଳବାର୍ଦ୍ଧକ୍ୟର ଶିକାର ହେଉଥିଲେ । ଅନ୍ଧ, ଛୋଟା, ବିକଳାଙ୍ଗ ଓ ରୁଗ୍ଣ ହୋଇଗଲେ ସେମାନଙ୍କ ପାଇଁ କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ନଥିଲା ।



ଏପ୍ରକାର ଦୁଃସହଣୀୟ ପରିସ୍ଥିତି ବିରୁଦ୍ଧରେ ଊନବିଂଶ ଶତାବ୍ଦୀର ପଂଚମ ଦଶକରେ ଇଂଲଣ୍ଡରେ ଶ୍ରମିକ ଆନ୍ଦୋଳନ ଦେଖାଦେଇଥିଲା । ଶିଳ୍ପପତିମାନଙ୍କୁ ଆକ୍ରମଣ କରିବା, କାରଖାନା ପୋଡିଦେବା, ସମ୍ପତ୍ତି ଲୁଟ୍‌କରିନେବା ଜରିଆରେ ଶ୍ରମିକମାନେ ସେମାନଙ୍କ ଅସନ୍ତୋଷ ଓ ପ୍ରତିବାଦ କରିଥିଲେ । ଫଳରେ ଇଂଲଣ୍ଡରେ କେତେକ ଶ୍ରମିକମଙ୍ଗଳ ଆଇନ୍ ତିଆରି ହେଲା । କିନ୍ତୁ ଶ୍ରମିକମାନଙ୍କର ଏକ ସଚେତନ ସଂଗଠିତ ଶକ୍ତି ଓ କ୍ରମାଗତ ଆନ୍ଦୋଳନ ଅଭାବରୁ ଆଇନ୍‌କାନୁନ୍ କାଗଜକଲମରେ ଅଟକିଗଲା ।

୧୮୮୬ ମସିହା ମଇ ପହିଲାରେ ଆମେରିକାର ଶ୍ରମିକଶ୍ରେଣୀ ଅତ୍ୟନ୍ତ ମାନବିକ ଗଣତାନ୍ତ୍ରିକ ଓ ନିମ୍ନତମ ଦାବି ଦିନକୁ ଆଠଘଂଟା ଶ୍ରମଦାବିରେ ମାଲିକଶ୍ରେଣୀ ବିରୁଦ୍ଧରେ ଏକ ଅଭୂତପୂର୍ବ ଧର୍ମଘଟ କରିଥିଲେ । ଶ୍ରମିକମାନଙ୍କ ବିକ୍ଷୋଭ ଶୋଭାଯାତ୍ରା ଉପରେ ମାଲିକ ଓ ପୋଲିସ୍‌ବାହିନୀର ବର୍ବର ଓ ଅମାନୁଷିକ ଆକ୍ରମଣ ଫଳରେ ବହୁ ଶ୍ରମିକ ମୃତ୍ୟୁବରଣ କଲେ । ଧର୍ମଘଟକାରୀ ଶ୍ରମିକମାନଙ୍କ ମୃତ୍ୟୁରେ ଚିକାଗୋ ସହର ରକ୍ତରଂଜିତ ହୋଇଗଲା । କିନ୍ତୁ ମାଲିକଶ୍ରେଣୀର ସେହି ପାଶବିକ ଆକ୍ରମଣ ଆଗରେ ଶ୍ରମିକଶ୍ରେଣୀ ସେଦିନ ମଥାନତ କରି ନଥିଲା । ଶ୍ରମିକର ରକ୍ତରଂଜିତ ଲାଲ ପତାକା ସାରାବିଶ୍ୱରେ ଉତୋଳିତ ହୋଇଥିଲା । ଶ୍ରମିକମାନଙ୍କର ରକ୍ତକ୍ଷୟୀ ସଂଗ୍ରାମ ଓ ପରିଶେଷରେ ବିଜୟ ଏବଂ ଆଠଘଂଟିଆ ଶ୍ରମଦିବସ ଘୋଷଣା ସାରାବିଶ୍ୱର ଶ୍ରମିକଶ୍ରେଣୀ ନିକଟରେ ଏକ ମହତ୍ୱପୂର୍ଣ୍ଣ ଘଟଣା । ସାରା ଦୁନିଆଁରୁ ସମସ୍ତପ୍ରକାର ଶୋଷଣକଷଣ ଲୋପ କରିବା ପାଇଁ ବିଶ୍ୱ ଶ୍ରମିକଶ୍ରେଣୀକୁ ଆହ୍ୱାନ ଦିଆଯାଇଥିଲା ।

ବାସ୍ତବରେ ଏହି ଦାବି ହାସଲ ହେବା ପଛରେ ବିଭିନ୍ନ ଦେଶରେ ଶହଶହ ଶ୍ରମିକର ଆତ୍ମତ୍ୟାଗର ମର୍ମସ୍ପର୍ଶୀ ଓ ଆପୋଷହୀନ ସଂଗ୍ରାମର ଇତିହାସ ରକ୍ତର ଅକ୍ଷରରେ ଲେଖାଯାଇଛି । ପୁଂଜିପତି ମାଲିକମାନେ ଶ୍ରମିକମାନଙ୍କୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବାରରୁ ଚଉଦ ଏପରିକି ଅଠର ଘଂଟା କାର୍ଯ୍ୟକରିବାକୁ ବାଧ୍ୟ କରୁଥିଲେ । ଏହି ଅମାନୁଷିକ ନିର୍ମମ ନିଷ୍ଠୁର ଶୋଷଣ ଉପରେ ପୁଂଜିବାଦ ସମୃଦ୍ଧିର ସୌଧ ନିର୍ମାଣ ହୋଇଛି । ମଇ ଦିବସ ସେହି ଇତିହାସର ସାକ୍ଷୀ ।

ପୃଥିବୀରେ କେତେ ନଦୀରେ କେତେ ଜଳ ବହିଗଲାଣି । ଦେଶେ ଦେଶେ କେତେ ଯେ ମୌସୁମୀ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେ ଯେ ତ୍ୟାଗପୂତ ଲଢେଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି, ତା'ର ପଟାନ୍ତର ନାହିଁ । ଆଜି ମଧ୍ୟ ପୁଂଜିପତି ଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷଲକ୍ଷ ଶ୍ରମିକ କୃଷକ ଖଟିଖିଆ ମଣିଷ ବଳି ପଡୁଛନ୍ତି । ଏହି ଶୋଷଣ ବିରୁଦ୍ଧରେ ଅଗଣିତ ମୁକ୍ତିପିପାସୁ ଶ୍ରମଜୀବୀ ମଣିଷ ଘୋଷଣା କରିଛି ମରଣପଣ ରକ୍ତକ୍ଷୟୀ ସଂଗ୍ରାମ । ସାରାବିଶ୍ୱରେ ୧୮୮୬ ମସିହାରେ ରକ୍ତରଂଜିତ ମଇ ପହିଲା କୋଟିକୋଟି ନିପୀଡିତ ନିଷ୍ପେସିତ ଜନଗଣଙ୍କୁ ଆଲୋକର ସନ୍ଧାନ ଦେଇଆସିଛି ।

ସେଦିନ ଓ ଆଜି ମଧ୍ୟରେ ଅନେକ ତଫାତ୍ । ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁ ଦିନ ଜଟିଳ ଆଡକୁ




ଗତିକରୁଛି । ପ୍ରତିନିୟତ ପରିବର୍ତନର ଧାରା ପ୍ରବାହିତ ହେବାରେ ଲାଗିଛି । କାଲି ଯାହା ସତ୍ୟ, ପ୍ରଗତିଶୀଳ ଏବଂ ସର୍ବାଧୁନିକ ଥିଲା- ଆଜି ତାହା ପୁରୁଣା ହୋଇଯାଉଛି । ନୂଆ ନୂଆ ଘଟଣା ପ୍ରତ୍ୟେକ ମୁହୂର୍ତ୍ତରେ ଘଟିଚାଲିଛି । ଅଭିନବ ଉଦ୍‌ଭାବନା ଅହରହ ସୃଷ୍ଟିହେଉଛି । ବିଶ୍ୱର କୋଣେ ଅନୁକୋଣେ ଯେକୌଣସି ସାଧାରଣ- ଅସାଧାରଣ ଘଟଣା-ଅଘଟଣ ଘଟିଯାଉଛି, ଆଖି ପିଛୁଳାକେ ସମୁଦ୍ରର ଢେଉ ଭଳି ଜନମାନସରେ ପ୍ରତିଧ୍ୱନିତ ହେଉଛି । ଗଣମାଧ୍ୟମର ଦ୍ରୁତବିକାଶ ଘଟିଚାଲିଛି । ଯାହାଯୋଗୁଁ ଅଛପା ବୋଲି କିଛି ରହୁନାହିଁ ।

ଏକଥା ଦୁଃଖଦାୟକ ହେଲେ ବି ସତ୍ୟ ଯେ ଆଜିକାର ପରିସ୍ଥିତିରେ ଯେତେବେଳେ ଐକ୍ୟବଦ୍ଧ ଟ୍ରେଡ୍‌ୟୁନିୟନ୍ ଆନ୍ଦୋଳନ ଅତ୍ୟନ୍ତ ଜରୁରୀ, ସେତେବେଳେ ଏହି ଆନ୍ଦୋଳନ ବହୁଭାଗରେ ବିଭକ୍ତ । ଅଧିକାଂଶ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ କେବଳ ଆନ୍ଦୋଳନର ପଥ ପରିତ୍ୟାଗ କରିନାହାନ୍ତି, ଅଧିକନ୍ତୁ ଆନ୍ଦୋଳନକୁ ଆଇନର ଚଉହଦୀ ଭିତରେ ଆବଦ୍ଧ କରିରଖୁଛନ୍ତି । ଏହାଦ୍ୱାରା ସେମାନେ ଜାଣତରେ ହେଉ କିମ୍ବା ଅଜାଣତରେ ହେଉ ପୁଂଜିପତି ଶ୍ରେଣୀର ଶ୍ରମିକଶ୍ରେଣୀବିରୋଧୀ ଘୃଣ୍ୟ ଚକ୍ରାନ୍ତକୁ ସହାୟତା କରୁଛନ୍ତି ଓ ଏହାଦ୍ୱାରା ଶ୍ରମିକଶ୍ରେଣୀ ଆନ୍ଦୋଳନ ଭିତରେ ବିଭେଦ ସୃଷ୍ଟି କରୁଛନ୍ତି । ଫଳରେ ଆମ ଦେଶରେ ଓ ଅନ୍ୟାନ୍ୟ ପୁଂଜିବାଦୀ ଦେଶରେ ଫାସିବାଦର କରାଳଛାୟା ମାଡିଯାଇଛି । ସଂକଟଗ୍ରସ୍ତ ଜର୍ଜରିତ ଭାରତୀୟ ପୁଂଜିପତି ଶ୍ରେଣୀ ବିଶ୍ୱୀକରଣ, ଉଦାରୀକରଣ, ଘରୋଇକରଣ ପଥରେ ଯାଇ ସଂକଟର ସମସ୍ତ ବୋଝକୁ ଶ୍ରମିକଶ୍ରେଣୀ ମୁଣ୍ଡରେ ଲଦି ଦେଇଛନ୍ତି । ସାଧାରଣ ମଣିଷ ସୀମାହୀନ ଦୁଃଖଦୁର୍ଦ୍ଦଶା, ନିର୍ଯ୍ୟାତନା ଭୋଗକରୁଛନ୍ତି । ସମସ୍ତ ନୀତି ନୈତିକତା ମାନବିକ ମୂଲ୍ୟବୋଧ ପ୍ରତିଦିନ ଅବକ୍ଷୟ ହେବାରେ ଲାଗିଛି । ସରକାର ଓ ଦେଶୀ-ବିଦେଶୀ ପୁଂଜିପତିଙ୍କ ଅଶୁଭ ମୈତ୍ରୀ ଗଣତାନ୍ତ୍ରିକ ପରମ୍ପରାକୁ ଧ୍ୱଂସକରି ଫାଶୀବାଦୀ ଆକ୍ରମଣ ଚଳାଇଛନ୍ତି । ଯୁବସମ୍ପ୍ରଦାୟ ମଧ୍ୟରେ ମାଦକ ଦ୍ରବ୍ୟ ଓ ଯୌନ ପ୍ରବଣରେ ବୁଡେଇ ରଖି ଅନ୍ଧ ଉନ୍ମାଦନା ଭାବନାରେ ହତାଶ ଓ ଶକ୍ତିହୀନ କରିପକାଇଛି । ତେଣୁ ଶ୍ରମିକଶ୍ରେଣୀ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ସଚେତନ ହୋଇ ଶ୍ରମିକଶ୍ରେଣୀ ଗଣଆନ୍ଦୋଳନରେ ସ୍ୱେଚ୍ଛାକୃତ ଭାବେ ସକ୍ରିୟ ଭାଗନେଲେ ଦେଶରେ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି ହେବ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପ୍ରସାରିତ ଓ ପୂର୍ଣ୍ଣ ପ୍ରତିଷ୍ଠିତ ହେବ । ଭାରତର ଅଗଣିତ ଶୋଷିତ ମେହନତି ମଣିଷକୁ ସମସ୍ତପ୍ରକାର ଶୋଷଣ, କଷଣ, ଜୁଲୁମ ଓ ଅତ୍ୟାଚାରର ନାଗଫାସ କବଳରୁ ମୁକ୍ତ କରିବା ପାଇଁ ଶ୍ରମିକଶ୍ରେଣୀ ଐକ୍ୟବଦ୍ଧ ହେବା ପାଇଁ ଆଗେଇ ଆସନ୍ତୁ । ହେ ମୋର ପ୍ରିୟ ଶ୍ରମିକ ଭାଇଭଉଣୀଏ, ଆଉ



ମୁଣ୍ଡରେ ହାତଦେଇ ବସିବାର ବେଳ ନୁହେଁ-ଅଧିକାର ଛିଣ୍ଡାଇ ଆଣିବାର ସମୟ ଆସିଯାଇଛି । କଷ୍ଟ କିମ୍ବା ମୃତ୍ୟୁକୁ ଭୟକରନା । ସଚ୍ଚା ନେତୃତ୍ୱ ଓ ସଠିକ୍ ମାର୍ଗରେ ପ୍ରାଣମୂର୍ଚ୍ଛା ଲଢେଇ କର । ଜୟ ସୁନିଶ୍ଚିତ ।

**ମାୟାଧର ନାୟକ,** ଯାଜପୁର ରୋଡ, ଯାଜପୁର, ମୋ: ୯୮୬୧୦୩୪୧୬୩

# ଶ୍ରମର ଫଳ ପୁଞ୍ଜିର ବଳ



ଯେଉଁ ଶ୍ରମିକର ଶ୍ରମଦ୍ୱାରା ସାରା ସମାଜ ଖାଦ୍ୟପଦାର୍ଥ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟ ପାଇବା ସମ୍ଭବପର ହେଉଛି, ଆଜି ସେହି ଶ୍ରମିକ ସମାଜରେ ପ୍ରବାସୀ ହେବା ସହ ନିଜର ଫଳ ଉପଭୋଗରୁ ବଂଚିତ ହେଉଛି । ଶ୍ରମ ସମ୍ବନ୍ଧରେ ମାନବର ଦୃଷ୍ଟିକୋଣକୁ ପରିବର୍ତନ କରିବା ପାଇଁ ସମାଜବାଦୀମାନେ ଉଦ୍ୟମ କରିଆସିଛନ୍ତି । ବର୍ତମାନର କରୋନା ମହାମାରୀ ସମୟରେ ସରକାର ତଥା ସାଧାରଣ ଜନତାଙ୍କ ଯେଉଁ ବିଷୟରେ ସର୍ବାଧିକ ଧ୍ୟାନ ଯାଇଥାଏ, ତାହା ହେଉଛି ପ୍ରବାସୀ ଶ୍ରମିକଙ୍କ କାମ କରିବାର ସମସ୍ୟା । ବର୍ତମାନ ଭାରତୀୟ ମାନବ ସର୍ବେକ୍ଷଣ ଅନୁସାରେ ପ୍ରବାସୀ ଶ୍ରମିକମାନଙ୍କର ଅଧିକାର ଜନସଂଖ୍ୟା ପଛୁଆ ଅଂଚଳ, ରାଜ୍ୟ ଆର୍ଥିକ ତଥା ସାମାଜିକ କ୍ଷେତ୍ରରେ ପଛୁଆ ବର୍ଗ ବିଶେଷ କରି ଏସ୍.ସି.ଏସ୍.ଟି ଓ ଓ.ବି.ସି ସମ୍ବନ୍ଧିତ ଅଟେ । ୨୦୧୧ ଜନଗଣନାକୁ ବିଶ୍ଳେଷଣ କଲେ ଜଣାପଡେ ଆନ୍ତଃରାଜ୍ୟ ପ୍ରବାସୀର ୫୦ ପ୍ରତିଶତ ଜନସଂଖ୍ୟା ଉତରପ୍ରଦେଶ, ବିହାର, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ସହିତ ଜଡିତ । ଯେଉଁଥିରେ ଉତରପ୍ରଦେଶ ଭଳି ରାଜ୍ୟ ଓ ବିହାରର ଭାଗ ୩୭ ପ୍ରତିଶତ ଅଟେ । ଓଡିଶାର ୧.୨ ଲକ୍ଷ ମାଇଗ୍ରାଂଟ ଶ୍ରମିକ ରାଜ୍ୟ ବାହାରେ କାର୍ଯ୍ୟରତ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କ ପାଇଁ ପ୍ରବାସରେ କାର୍ଯ୍ୟକରି ପରିବାର ପୋଷଣ କରିବା ବର୍ତମାନ ମୁଖ୍ୟସ୍ରୋତରେ ପରିଣତ ହୋଇଛି । ଏହି କାରଣରୁ ପ୍ରତିବର୍ଷ ୪.୫ ପ୍ରତିଶତ ହାରରେ ଆନ୍ତଃରାଜ୍ୟ ପ୍ରବାସରେ ରହି କାର୍ଯ୍ୟ କରିବାର ସଂଖ୍ୟାରେ ବୃଦ୍ଧି ହେବାରେ ଲାଗିଛି ।



ଏହି କରୋନା ଭାଇରସ୍ ସଙ୍କଟ କାଳରେ ଆମର ଧ୍ୟାନ ଉକ୍ତ ସମସ୍ୟା ଉପରେ ଆକର୍ଷଣ କରିଛି । ଯାହାର ମୁହାଁମୁହିଁ ନିତି ପ୍ରତିଦିନ ଆମର ପ୍ରବାସୀ ଶ୍ରମିକମାନଙ୍କୁ କରିବାକୁ ପଡୁଛି । ଆମ ଦେଶର ସମ୍ବିଧାନ ପ୍ରଦତ ଅଧିକାର ପ୍ରାପ୍ତି ପରେ ମଧ୍ୟ କାର୍ଯ୍ୟରତ ଶ୍ରମିକମାନଙ୍କୁ ପ୍ରବାସୀ କହି ସେମାନଙ୍କୁ ସାବତ ପୁଅର ବ୍ୟବହାର କରିବା ସମୀଚିନ କି ? ପ୍ରବାସୀ ଶବ୍ଦ ସେମାନଙ୍କୁ ବେଘର କରିବା ସହ ବାହାର ରାଜ୍ୟ ଉପରେ ନିର୍ଭର କରିବା ସହ ଆତ୍ମସ୍ୱାଭିମାନରୁ ବଂଚିତ କରୁନି କି ? ମନେପଡିଥାଏ ଆବ୍ରାହମ୍ ଲିଙ୍କନ୍‌ଙ୍କ ଶ୍ରମ ଓ ଶ୍ରମିକ ଶ୍ରେଣୀ ଉପରେ ଗୁରୁତ୍ୱାରୋପ ସହ ସେ କହିଥିବା କଥା ଶ୍ରମ ପୁଞ୍ଜିର ପୂର୍ବରୁ ଓ ସ୍ୱତନ୍ତ୍ର ଅଟେ । "If the Almighty had evermeant a set of man that should do all of the eating and none of the work. He would have made them with mouths and if he had meant another class to do all the work and no eating. He would have made them with hands only and no mouth". ପୁଞ୍ଜି କେବଳ ଶ୍ରମର ଫଳ, ପୁଞ୍ଜି କେବେଭି ଅସ୍ତିତ୍ୱରେ ଆସିପାରନ୍ତାନି, ଯଦି ଶ୍ରମର ଅସ୍ତିତ୍ୱ ନ ଥାନ୍ତା । ତେଣୁ ଶ୍ରମ ପୁଞ୍ଜିଠାରୁ ଶ୍ରେଷ୍ଠ ଓ ଅଧିକ ମହତ୍ୱର ଅଧିକାରୀ । ତେଣୁ ଶ୍ରମିକମାନଙ୍କର ଶ୍ରମକୁ ତଥା ତାଙ୍କର ସମସ୍ୟାକୁ ମାନବୀୟ ଦୃଷ୍ଟିକୋଣରୁ ଦେଖିବା ଦରକାର । କାମ ଓ ଶ୍ରମକୁ ଉଚିତ ସମ୍ମାନ ଦେବା ଦରକାର । ଶ୍ରମିକମାନଙ୍କର ପ୍ରତ୍ୟେକ ସମସ୍ୟାକୁ ଦୂରଦୃଷ୍ଟିକୋଣରୁ ସରକାରଙ୍କୁ ଏହାର ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ଦରକାର । ମହାତ୍ମାଗାନ୍ଧୀଙ୍କ ଭାଷାରେ-"A Nation may do without its millionaries and without its capitalist but a nation can never do without its labour". ଜାତିର ପ୍ରଗତିପାଇଁ ଶ୍ରମିକଶ୍ରେଣୀ ଯେ ଅପରିହାର୍ଯ୍ୟ ଏକଥା ଏଥିରୁ ସୁସ୍ପଷ୍ଟ । ୨୦୧୫ରେ ପାର୍ଥ ମୁଖୋପାଧାୟଙ୍କ ଅଧ୍ୟକ୍ଷତାରେ ୧୮ ସଦସ୍ୟଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଯେଉଁମାନେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଉପରେ ସୁପାରିଶ କରିଥିବା ନିୟମକୁ ଲାଗୁ କରିବାର ସମୟ ଆସିଛି । ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ଏକ ବ୍ୟାପକ ନୀତି ପ୍ରଣୟନ ହେବା ଦରକାର । ସେମାନଙ୍କୁ ନିଜର କର୍ମ କରିବାର ଉଚିତ ପରିସ୍ଥିତି ଠିକ୍ ସମୟରେ ସେମାନଙ୍କ ଉଚିତ ମଜୁରୀ ପ୍ରଦାନ, ଅବକାଶ ଏବଂ ସେମାନେ କାର୍ଯ୍ୟରତ ସ୍ଥାନରେ ସୁରକ୍ଷାର ପ୍ରବନ୍ଧ ହେବା ଦରକାର । ସବୁ ପ୍ରବାସୀ ଶ୍ରମିକମାନଙ୍କ କାର୍ଯ୍ୟସ୍ଥଳୀ ପରେ ଉଚିତ ସୁରକ୍ଷା ସୁନିଶ୍ଚିତ କରିବାପାଇଁ "One Nation One Ration" କାର୍ଡ ସ୍କିମ୍‌କୁ ପ୍ରଭାବଶାଳୀ କରିବା ଦରକାର । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଜନବିତରଣ ପ୍ରଣାଳୀ ଅନ୍ତର୍ଗତ ସେମାନଙ୍କୁ ଚାଉଳ, ଡାଲି, ତେଲ ଇତ୍ୟାଦି ଜରୁରୀ ସାମଗ୍ରୀ ଉପଲବ୍ଧି କରାଇବା ଦରକାର । ମନରେଗା ଅନ୍ତର୍ଗତ କାର୍ଯ୍ୟଦିବସକୁ ୧୦୦ ଦିନରୁ ବଢାଇ ୨୦୦ ଦିନ କରିବା ଯଥାର୍ଥ । ଅତ୍ୟଧିକ ଗରୀବ ଲୋକଙ୍କ ପାଇଁ ନ୍ୟୁନତମ ଆୟ ସୁନିଶ୍ଚିତ କରିବାପାଇଁ ବେସିକ୍ ଇନ୍‌କମ୍ ଭଳି ଯୋଜନା ପ୍ରଣୟନ କରିବା ଦରକାର । ସହରର ଶ୍ରମିକମାନଙ୍କ ସହ ଗ୍ରାମର ଶ୍ରମିକମାନଙ୍କ ପାଇଁ ମଧ୍ୟ ଲାଭଦାୟୀ ରୋଜଗାର ବ୍ୟବସ୍ଥା କରିବା ଦରକାର । କାରଣ "Without Labour Nothing Prospar."



**ଉମାଶଙ୍କର ପ୍ରସାଦ**
ସମ୍ପାଦକ ମାର୍ଗଦର୍ଶୀ ତଥା ସ୍ତମ୍ଭକାର, ଖୋର୍ଦ୍ଧା, ମୋ: ନଂ- ୬୩୭୦୬୭୫୫୬୨




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ପୁରୁଣିଆ ଗ୍ରାମରେ ଶ୍ରୀଅରବିନ୍ଦଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମରେ ଶ୍ରୀଅରବିନ୍ଦଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ଆଜି ସକାଳୁ ପ୍ରଥମେ ଶ୍ରୀଅରବିନ୍ଦଙ୍କ ମାତୃ ପତାକା ଉତ୍ତୋଳନ କରାଯାଇଥିଲା। ଭକ୍ତମାନେ ଭୁବନେଶ୍ୱର ଖଣ୍ଡଗିରି ସ୍ଥିତ ଶ୍ରୀଅରବିନ୍ଦଙ୍କ ପବିତ୍ର ସମାଧି ନିକଟରୁ ସାମୁହିକ ଧ୍ୟାନ କରି ଏକ ସ୍ୱତନ୍ତ୍ର ଗାଡିରେ ଶ୍ରୀଅରବିନ୍ଦଙ୍କ ରିଲିକ୍ସକୁ ଏକ ବିଶାଳ ବାଇକ୍ ରାଲି ମାଧ୍ୟମରେ ପାଣିକୋଇଲି ଠାରୁ ବେଲବାହାଳି ଗ୍ରାମ ଦେଇ ପୁରୁଣିଆ ଗ୍ରାମରେ ବିଭିନ୍ନ ସ୍ଥାନରେ ପୁଜାର୍ଚ୍ଚନା, ଶଙ୍ଖ, ହୁଳହୁଳି ଦେଇ ପୂଜା କରି ଶ୍ରୀଅରବିନ୍ଦଙ୍କ ମନ୍ଦିର ନିକଟରେ କଇନିପୁରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଶ୍ରୀ ଅରବିନ୍ଦଙ୍କ ରିଲିକ୍ସ ସମ୍ମୁଖରେ ଗାର୍ଡ ଅଫ୍ ଅନର ତଥା ମାର୍ଚ୍ଚଫାଚ ଦେଇଥିଲେ। ଭଗବାନଙ୍କ ରିଲିକ୍ସକୁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଛୁଇଁ ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ କରିଥିଲେ। ଦିନ ୩ ଘଟିକା ସମୟରେ ଅରବିନ୍ଦଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀଅରବିନ୍ଦଙ୍କ ରିଲିକ୍ସକୁ ସିଧା ସଳଖ ପାଖରେ ସ୍ପର୍ଶ କରି ଦର୍ଶନ କରିଛନ୍ତି ଭକ୍ତମାନେ। ଏଥିରେ ପୁରୁଣିଆ ଗ୍ରାମବାସୀ ଏବଂ ବେଲବାହାଳି ଆଶ୍ରମର ଭକ୍ତମାନେ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହିତ ଦାୟିତ୍ୱ ନେଇଥିଲେ। ଶ୍ରୀଅରବନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକ ଉତ୍ସବ ଉପଲକ୍ଷେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଛି। ଶ୍ରୀଅରବିନ୍ଦଙ୍କ ପୃଥିବୀପୃଷ୍ଠ ଉପରେ ଆବିର୍ଭାବର ରହସ୍ୟ ବିଷୟରେ ଆସିଥିବା ଅତିଥିମାନେ ପାଠଚକ୍ର ମାଧ୍ୟମରେ ଆଲୋକପାତ କରିଥିଲେ। ଏଥିପାଇଁ ପୁରୁଣିଆ ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତି ଏବଂ ଯୁବକମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମାନବାହି ଟ୍ରେନ୍ ଧକ୍କାରେ ରେଲ୍‌ୱେ କର୍ମଚାରୀଙ୍କ ମୃତ୍ୟୁ



ଘଟଗାଁ,(ପିଏନ)- କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅଧିନସ୍ଥ ସିତାବିଞ୍ଜ ଏବଂ ନିଳକଣ୍ଠେଶ୍ୱର ରେଲ୍‌ୱେ ମଧ୍ୟବର୍ତି ଏକ ସ୍ଥାନରୁ ରେଳ ଧାରଣ ଉପରୁ ଜଣେ ରେଲ୍‌ୱେ କର୍ମଚାରୀଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। କର୍ମଚାରୀ ଜଣଙ୍କର ନାମ ସାନ୍ତୁନୁ ଦାସ୍(୪୩) ସେ ଆଜି ସକାଳେ ସେକ୍ସନ ଇନିସ୍‌ପେକ୍ସନ କରୁଥିବା ବେଳେ ଅନ୍ୟମନସ୍କତା ଯୋଗୁଁ ଟ୍ରେନ୍ ଆସୁଥିବାର ଜାଣୀପାରି ନଥିଲେ। ଯାହାଫଳରେ ତାଙ୍କ ଉପରେ ମାଲ୍‌ବାହି ଟ୍ରେନ୍ ଧକ୍କା ଦେଇ ଚାଲିଯାଇଥିଲା। ତେବେ ଖବର ପାଇ ଢେଙ୍କିକୋଟ ଫାଣ୍ଡି ପୋଲିସ୍ ଏବଂ ରେଲ୍‌ୱେ କର୍ମଚାରୀ ପହଂଚି ଥିଲେ। ପୋଲିସ୍ ତଦନ୍ତି ଜାଣିବାକୁ ପାଇଲା ମୃତକ ଜଣଙ୍କ ହେଲେ କେନ୍ଦୁଝରର ପୁରୁଣା ବଜାରର ସାନ୍ତୁନୁ ଦାସ୍। ସଙ୍ଗେ ସଙ୍ଗେ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲେ। ମୃତକ ପରିବାର ଆସି ସାନ୍ତୁନୁଙ୍କ ଶରୀର ଚିହ୍ନିବା ପରେ ଢେଙ୍କିକୋଟ୍ ଫାଣ୍ଡି ପୋଲିସ୍ ଶବଟିକୁ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ ପଠାଇବା ସହିତ ତଦନ୍ତ ଚଳାଇଥିବା ଜଣାପଡିଛି।

## ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୂରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ। ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

## ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

# ତପସ୍ୟା ଭବନର ୧୮ ତମ ବାର୍ଷିକ ଉତ୍ସବ : ବସ୍ତୁବାଦୀ ଦୁନିଆରୁ କିଛି କ୍ଷଣ ଦୂରେଇ ରହିଲେ ମାନସିକ ଶାନ୍ତି ମିଳିପାରିବ

କେନ୍ଦ୍ରାପଡ଼ା,(ପି.ଏନ):ମନୁଷ୍ୟ ସମାଜ ବସ୍ତୁବାଦୀ ହୋଇ ଗଲାଣି। ରାତିଦିନ ମଣିଷ କେବଳ ବସ୍ତୁବାଦୀ କାର୍ଯ୍ୟ ହାସଲ କରିବା ପାଇଁ ଲାଗି ପଡିଛି। ଇଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ ଅନେକଙ୍କ ପାଖରେ ଏବେ ସମୟର ଅଭାବ। ଏହାଦ୍ୱାରା ମନୁଷ୍ୟଙ୍କୁ ମାନସିକ ଶାନ୍ତି ମିଳିପାରୁନାହିଁ। ଫଳରେ ବିଭିନ୍ନ ପ୍ରକାର ମାନସିକ ରୋଗରେ ଏବେ ମନୁଷ୍ୟ ଆକ୍ରାନ୍ତ ହୋଇପଡୁଛି। ଏହି ମାନସିକ ଦୁଶ୍ଚିନ୍ତାରୁ ମୁକ୍ତି ପାଇବା ପାଇଁ ଉଚିତ ମାର୍ଗ ହେଉଛି ଆଧ୍ୟାତ୍ମିକତା। ଆଧ୍ୟାତ୍ମିକ ମାର୍ଗରେ ମଣିଷ ନିଜକୁ କିଛି କ୍ଷଣ ପାଇଁ ସାମିଲ କରିପାରିଲେ ନିଜକୁ ଅନ୍ତର୍ନିହିତ ଶାନ୍ତି ମିଳିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ କେନ୍ଦ୍ରାପଡ଼ା ବଡହାଟସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ତପସ୍ୟା ଭବନ ସେବା କେନ୍ଦ୍ରର ୧୮ ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏଥିରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆମେ ଯେଉଁ ବସ୍ତୁବାଦୀ ଦୁନିଆ ପଛରେ ଧାଉଁଛେ ତାହା ମୃତ୍ୟୁ ବେଳକୁ ଆମ ସାଙ୍ଗରେ ଯିବ ନାହିଁ। ଏହି ଧାରଣା ଯଦି ସମସ୍ତଙ୍କ ମନରେ ଜାଗ୍ରତ ହେବ ତେବେ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ କିଛି ସମୟ ବାହାର କରି ମାନସିକ ଶାନ୍ତି ପାଇଁ ଧ୍ୟାନ ମଗ୍ନ ରହିବ। ଏହାଦ୍ୱାରା ଆମେ ବସ୍ତୁବାଦୀ ଦୁନିଆ ଠାରୁ କିଛି ସମୟ ପାଇଁ ଦୁରେଇ ରହି ପାରିବା। ଫଳରେ ଆମକୁ ମାନସିକ ଶାନ୍ତି ମିଳିପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ନଗରପାଳ ସରିତା ସାହୁ କହିଲେ ପ୍ରତ୍ୟେକ ମଣିଷ ପ୍ରତିଦିନ କିଛି ସମୟ ବାହାର କରି ଧ୍ୟାନ ଓ ଯୋଗ କରିବା ଆବଶ୍ୟକ। ଯୋଗ କରିବା ଦ୍ୱାରା ଆମେ ଶାରିରୀକ ସୁସ୍ଥ ରହି ପାରିବା। ଧ୍ୟାନ କରିବା ଦ୍ୱାରା ଆମେ ମାନସିକ ଭାବେ ସୁସ୍ଥ ହୋଇ ପାରିବା। କିନ୍ତୁ ଆମେ ମୋହ ମାୟାରେ ପଡି ଧ୍ୟାନ ଓ ଯୋଗ କଥା ଭୁଲି ଯାଉଥିବାରୁ ବିଭିନ୍ନ ମାନସିକ ଓ ଶାରିରୀକ ରୋଗରେ ପିଡିତ ହେଉଛେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ ଯୋଗଦେଇ କହିଲେ ସାଂସାରିକ ଜୀବନରୁ କିଛି ସମୟ ବାହାର କରି ଆମକୁ ଆଧ୍ୟାତ୍ମିକ ମାର୍ଗ କଥା ଚିନ୍ତା କରିବାକୁ ପଡିବ। ମୁନିରଷିମାନେ ଯେଉଁ ସବୁ ଉପଦେଶ ଦେଇ ଯାଇଛନ୍ତି ତାହା ସମାଜ ଗଠନ ପାଇଁ ବେଶ ଉପଯୋଗୀ। ତାହାକୁ ଆମେ ଅଧ୍ୟୟନ କରିପାରିଲେ ସଂସାରରେ ଥାଇ ମଧ୍ୟ ଆମକୁ ସଂସାରର ବନ୍ଧନ ବାନ୍ଧି ରଖି ପାରିବ ନାହିଁ। ରାଜନେତାମାନେ ମଧ୍ୟ ଆଧ୍ୟାତ୍ମିକ ପୁସ୍ତକରୁ ବେଶ ଜ୍ଞାନ ଅର୍ଜନ କରି ପାରିବେ। କାରଣ ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ରାଷ୍ଟ୍ର ଶାସନ କରିବା କଥା ମଧ୍ୟ ବର୍ଣ୍ଣନା କରାଯାଇଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୭ ନମ୍ବର ୱାର୍ଡ କାଉନସିଲର ଉମେଶ ଚନ୍ଦ୍ର ନାୟକ(ସ୍ୱାଧୀନ), ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି, ସୋମନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବି.କେ. ଶୈଳେନ୍ଦ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ରାଜଯୋଗ ଆଧାରରେ ମଣିଷକୁ ପ୍ରକୃତ ଶାନ୍ତି ମିଳିପାରିବ। ଆଧ୍ୟାତ୍ମିକ ଉନ୍ନତିରେ ସମାଜର ସାମଗ୍ରୀକ ଉନ୍ନତି ହୋଇ ପାରିବ। ବ୍ରହ୍ମାକୁମାରୀ ସନ୍ଧ୍ୟାରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବି.କେ. ପଦ୍ମଲୋଚନ, ବି.କେ. ଯଦୁ, ବି.କେ. ରାନୁ, ବି.କେ. ଧରଣୀ, ବି.କେ. ଅନନ୍ତ, ବି.କେ. ରବି, ବି.କେ. ତାପସ, ବି.କେ. ରଘୁ, ବି.କେ. ମିନତୀ, ବି.କେ. ଲକ୍ଷ୍ମୀ, ବି.କେ ମୁନୁ ପ୍ରମୁଖ ପରିଚାଳନା କରିଥିଲେ। ଭାବଗ୍ରାହୀ କଳା ନିକେତନ ପକ୍ଷରୁ ବିମଳ ପ୍ରସାଦ ପରିଡ଼ାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

# ଭାଷା ଜାତୀୟ ଏକତା ଓ ସଂହତିର ସେତୁ : ଉତ୍କଳ ସମ୍ମିଳନୀର ରଜତ ଜୟନ୍ତୀ ସମାରୋହ ସମାହିତ

କେନ୍ଦ୍ରାପଡା,(ପି.ଏନ): ବିବିଧତା ମଧ୍ୟରେ ଏକତା ଆମ ସର୍ବ ଭାରତୀୟ ଜାତୀୟତାର ମୂଳଭିତ୍ତି ହୋଇଥିବାରୁ ହିନ୍ଦୀ ଓ ଇଂରାଜୀ ଭାଷାର ପ୍ରାଦୁର୍ଭାବରୁ ଓଡିଆ ଭାଷାକୁ ରକ୍ଷା କରିବା ସବୁ ଓଡିଆଙ୍କ ପାଇଁ ଏକ ଜାତୀୟ କର୍ତ୍ତବ୍ୟ। ଏହି କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ଓଡିଆ ଭାଷାର ବହୁଳ ବ୍ୟବହାର କରାଯିବା ଦରକାର। କାରଣ ଭାଷା ହେଉଛି ଗୋଟିଏ ସମୃଦ୍ଧ ଜାତିର ଆତ୍ମା ସଦୃଶ୍ୟ। ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଥିଲେ ଓଡିଆ ଅସ୍ମିତାର ମନ୍ତ୍ରଦାତା ଏବଂ ଓଡିଆ ଜାତି ତାଙ୍କ ପାଖରେ ସବୁଦିନ ପାଇଁ କୃତଜ୍ଞ ରହିବ ବୋଲି ଉତ୍କଳ ସମ୍ମିଳନୀ କେନ୍ଦ୍ରାପଡା ଜିଲ୍ଲା ଶାଖାର ରଜତ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଭାଗୃହରେ ସଙ୍ଗଠନର ଜିଲ୍ଲା ଶାଖା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରୀୟ କମିଟିର ଉପସଭାପତି ପ୍ରାଧ୍ୟାପକ ଡଃ. ସୁରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଓ ଦିଲ୍ଲିପ ଦାସଶର୍ମା ଏବଂ ବିଭୁତି ଭୂଷଣ ମିଶ୍ର ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସଙ୍ଗଠନର ସମ୍ପାଦକ ଡଃ. ବାସୁଦେବ ଦାସ ଅତିଥି ପରିଚୟ ପ୍ରଦାନ, ଅଭ୍ୟର୍ଥନା ସମିତିର ଉପାଧ୍ୟକ୍ଷ ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ବେହେରା ସ୍ୱାଗତ ସମ୍ଭାଷଣ, ଅଧ୍ୟାପକ ବିପିନ ବିହାରୀ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିରଞ୍ଜନ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ଅଧ୍ୟାପକ ଅଜୟ ସାମଲ ପ୍ରମୁଖ ଜିଲ୍ଲାର ଉପକୂଳବର୍ତ୍ତୀ ଭାଷାର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଗୋପାଳ କୃଷ୍ଣ ଜେନା, ଆଦିକନ୍ଦ ରାଉଳ, କାକୁଲି ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋଲଖ ସେଠୀ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ କବି ଚାରୁଲତା ଭୂୟାଁ, ଶୁଭାଂଶୁ କୁମାର ଦାସ, ମେଜର ଭରତ ଚନ୍ଦ୍ର ଜେନା ଓ ସାରଦା ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ନୃସିଂହ ତ୍ରିପାଠୀ, ଶରତ କୁମାର ରାଉତ, ଅଭୟ ରାଉତ, ଶ୍ରୀଧର ଭୋଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# କେନ୍ଦ୍ରାପଡାରେ ନୂତନ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଯୋଗଦାନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାରେ ନୂତନ ଆଞ୍ଚଳିକ ପରିବହନ ଅଧିକାରୀ ଭାବେ ଧିରେନ୍ଦ୍ର କୁମାର ନାୟକ ଆଜି ଯୋଗଦେଇଛନ୍ତି। ଶ୍ରୀ ନାୟକ ଭଦ୍ରକରେ ଏମ.ଭି.ଆଇ. ଭାବେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପାଇବା ପରେ ଏଠାରେ ଆଞ୍ଚଳିକ ପରିବହନ ଅଧିକାରୀ ଭାବେ ଶ୍ରୀ ନାୟକ ଯୋଗଦେଇଥିବା ଜଣାପଡିଛି। କେନ୍ଦ୍ରାପଡାର ଏମ.ଭି.ଆଇ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ମିଶ୍ର ନୂତନ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂତନ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ




ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଇଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଇଯୋଶୀ ସୂଚନା ଦେଇଛନ୍ତି। ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ। ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ।

## କଣ୍ଟିପାଳରେ ଫସଲବୀମା ପାଠଶାଳା

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଂଚାୟତ ସଭାଗୃହ ଠାରେ ଫସଲବୀମା ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାର୍ମର ପ୍ରଡ୍ୟୁସର କମ୍ପାନୀର ସିଇଓ ନରୋତ୍ତମ ବାରିକ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଠାରେ ଶତାଧିକ ଚାଷୀ ଉପସ୍ଥିତ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଫସଲ ବୀମା ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କ୍ ଓ ବୀମା କମ୍ପାନୀ କର୍ମଚାରୀ ବୀମା ଯୋଜନା ସମ୍ପର୍କିତ ତଥ୍ୟ କୃଷକ ମାନଙ୍କୁ ଅବଗତ କରାଇଥିଲେ। ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ଫାର୍ମର ପ୍ରଡ୍ୟୁସର କମ୍ପାନୀ ନିକଟରୁ ଚାଷ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




# ମେ ୨ରେ ନେହେରୁ ଯୁବ ପ୍ରତିଷ୍ଠାନର ୫୦ତମ ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର, (ପି.ଏନ): ରାଜ୍ୟର ଅଗ୍ରଣୀ ଯୁବ ଓ ସାଂସ୍କୃତିକ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନ ତାର ୫୦ତମ ସୁବର୍ଣ୍ଣ ଜୟନ୍ତୀ ମେ ୨ ତାରିଖରେ ପାଳନ ହେବାକୁ ଯାଉଛି। ଏହି ଅବସରରେ ଚଳିତମାସ ୨୮ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯାଇଥିଲା। ୨୮ତାରିଖରେ ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବୈକୁଣ୍ଠ ନାଥ ମିଶ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସନ୍ଧ୍ୟାରେ ସପ୍ତମ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସେହିପରି ୨୯ ତାରିଖରେ ଏଏସ୍‌ଜି ଓ ସିଓ୍ୱାଇପିଓଟି ଦ୍ୱାରା ଚକ୍ଷୁ, ମଧୁମେହ, ରକ୍ତ ପରୀକ୍ଷଣ, ଦନ୍ତ, ଇସିଜିଂ ମାଗଣାରେ ଅନୁଷ୍ଠିତ ହୋଇଥିଲା। ୩୦ ତାରିଖରେ ନମୋଃ ସହଯୋଗରେ ନୂଆଗାଁସ୍ଥ ଶ୍ରୀକୃଷ୍ଣ ଆନନ୍ଦ ବୃଦ୍ଧାଶ୍ରମଠାରେ ଆନନ୍ଦ ଉତ୍ସବର ଏକ ସନ୍ଧ୍ୟା ଅନୁଷ୍ଠିତ ହେବ। ମେ ୧ ତାରିଖ ଅପରାହ୍ନରେ ନେହେରୁ ଯୁବ ପ୍ରତିଷ୍ଠାନ ପରିସରରେ ମହିଳା ଓ ଛାତ୍ରୀମାନଙ୍କ ମଧ୍ୟରେ ଫୁଲଗୁନ୍ଥା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨ ତାରିଖ ଅପରାହ୍ନରେ ସାଥୀ ଅନୁଷ୍ଠାନ ପକ୍ଷରୁ ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ୨୦ ଟଙ୍କାରେ ଡ଼ାକ୍ତରୀ ପରାମର୍ଶ ଓ ପଞ୍ଜିକରଣ କରିଥିବା ବ୍ୟକ୍ତିବିଶେଷମାନେ ରିହାତି ମୂଲ୍ୟରେ ଔଷଧ କ୍ରୟ କରିପାରିବେ। ଅପରାହ୍ନ ୪ଟାରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ, ବିଶିଷ୍ଟ ସାହିତ୍ୟିକ ଶ୍ରୀ ଅସିମ ମହାନ୍ତି, ରାଷ୍ଟ୍ରୀୟ ଲୋକସେବକ ମଣ୍ଡଳର ସମ୍ପାଦକ ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଡ଼ିଏଭି ଓଡ଼ିଶା ଶାଖା ଆଂଚଳିକ ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥୀ, ଯୁବ ସାହସିକତା ପାଇଁ ଚିତରଞ୍ଜନ ପ୍ରଧାନଙ୍କୁ ସମ୍ମାନିତ କରାଯିବ। ଉତ୍ସବ ଶେଷରେ ନୃତ୍ୟଶିଳ୍ପୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ବରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି। ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି। ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶାର ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ସରକାରଙ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରତିଶୃତି ଯୋଜନା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ୱାସ୍ଥ୍ୟ ସୋସାଇଟି ପରିଚାଳନା ପରିଷଦ ବୈଠକର ସମୀକ୍ଷାରୁ ଏହା ଜଣାପଡିଛି । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା ଯୋଜନା କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଓ ବୈଷୟିକ ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । କାର୍ଯ୍ୟାନ୍ୱୟନ ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ବ୍ୟବସ୍ଥାକୁ ରୋଗୀମାନଙ୍କ ନିମନ୍ତେ ଅଧିକ ସହଜଲଭ୍ୟ, ତ୍ରୁଟିଶୂନ୍ୟ ଓ ଭରଷାଯୋଗ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ମହାପାତ୍ର କହିଥିଲେ ଯେ ଏହି ଯୋଜନା ଯୋଗୁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନେ ଖର୍ଚ୍ଚବହୁଳ ଘରୋଇ ହସ୍ପିଟାଲ୍ ମାନଙ୍କରେ ବହୁ ଦୁଃସାଧ୍ୟ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଯୋଜନାଟି ଅଧିକରୁ ଅଧିକ ଲୋକପ୍ରିୟ ହେଉଥିବାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ରୋଗୀମାନଙ୍କ ପାଇଁ ପ୍ରାଇଭେଟ୍ ହସ୍ପିଟାଲ୍ମାନେ ସ୍ୱତନ୍ତ୍ର ହେଲ୍ପ-ଡେସ୍କ ବ୍ୟବସ୍ଥା କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାର ଘରୋଇ ହସ୍ପିଟାଲ୍ ମାନଙ୍କରୁ ଯୋଜନା ଅନ୍ତର୍ଗତ ଲୋକଙ୍କ ଚିକିତ୍ସା ବାବଦରେ ଆସୁଥିବା ବିଲ୍ ପୈଠ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ବିଲ୍ ପୈଠ ପ୍ରକ୍ରିୟା ସୁଗମ ଓ ବାଧାମୁକ୍ତ ହେଲେ ଲୋକମାନେ ସହଜରେ ଚିକିତ୍ସା ପାଇପାରିବେ । ରାଜ୍ୟ ବାହାରେ ଓଡ଼ିଆ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ । କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ସଦ୍ୟତନ ତଥ୍ୟ ଉପସ୍ଥାପନ କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଓ ସୋସାଇଟିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତି ଶାଳିନୀ ପଣ୍ଡିତ୍ କହିଥିଲେ ଯେ ରାଜ୍ୟର ସମୁଦାୟ ୯୬.୫ ଲକ୍ଷ ପରିବାରଙ୍କୁ ଏହି ଯୋଜନାରେ ସାମିଲ ପାଇଁ ଚିହ୍ନଟ କରାଯାଇଛି । ଏବେ ସୁଦ୍ଧା ସେମାନଙ୍କ ମଧ୍ୟରୁ ପ୍ରାୟ ୯୮ ପ୍ରତିଶତ ପରିବାରଙ୍କୁ ସ୍ମାର୍ଟ-କାର୍ଡ ବଂଟନ ସରିଛି ।ବର୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୨୮ ଟି ଏବଂ ୧୫ ଟି ବାହାର ରାଜ୍ୟରୁ ୬୫ ଟି ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲ୍ କୁ ଯୋଜନାରେ ତାଲିକାଭୁକ୍ତ କରାଯାଇଛି । ଏମାନଙ୍କ ମଧ୍ୟରେ ପ୍ରମୁଖ ହସ୍ପିଟାଲ୍ ହେଉଛନ୍ତି ଟାଟା ମେମୋରିଆଲ୍ ହସ୍ପିଟାଲ୍, ମୁମ୍ବାଇ ଓ କୋଲକତା; ସି.ଏମ୍.ସି. ଭେଲୋର; ନାରାୟଣ ହୃଦୟାଳୟ ହସ୍ପିଟାଲ୍ ଗ୍ରୁପ୍; ଶଙ୍କରା-କ୍ୟାନ୍ସର ହସ୍ପିଟାଲ ଗ୍ରୁପ୍; ଆପୋଲୋ, ବିଶାଖାପାଟଣା; କେଆର,ବିଶାଖାପାଟଣା; ସେଭେନ୍ ହିଲ୍, ବିଶାଖାପାଟଣା; ମହାତ୍ମାଗାନ୍ଧି କ୍ୟାନ୍ସର ପ୍ରତିଷ୍ଠାନ, ବିଶାଖାପାଟଣା; ଏବଂ ପୋର୍ଟିସ୍ ହେଲ୍ଥ କେୟାର ଅନ୍ତର୍ଗତ ବିଭିନ୍ନ ରାଜ୍ୟରେ ଥିବା ହସ୍ପିଟାଲ୍ । ରାଜ୍ୟ ଭିତରେ ଥିବା ସମ୍, କିମ୍ସ, ଆପୋଲୋ, ହାଇଟେକ୍, ସଦଗୁରୁ, ସାଇ ଶାନ୍ତି, ଜୟପ୍ରକାଶ ହସ୍ପିଟାଲ୍, ପଣ୍ଡା କ୍ୟାନ୍ସର ସେଣ୍ଟର, ଭୋମିକା ହସ୍ପିଟାଲ୍, ସର୍ବେଶ୍ୱର ମେମୋରିଆଲ୍ ହସ୍ପିଟାଲ୍ ଆଦି ୩୨୮ ଟି ଘରୋଇ ହସ୍ପିଟାଲରେ ଲୋକମାନେ ଚିକିତ୍ସା ପାଇପାରୁଛନ୍ତି । ପ୍ରାୟ ୧୫୯୨ ଟି ଗ୍ରୁପ୍ ଅନ୍ତର୍ଗତ ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ବ୍ୟବସ୍ଥା କରାଯାଇଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି, ମାସିକ ହାରାହାରି ୪୦ ହଜାର ରୋଗୀ ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲ ମାନଙ୍କରେ ଦେୟ-ମୁକ୍ତ ଚିକିତ୍ସା ପାଉଛନ୍ତି । ସେମାନଙ୍କ ଚିକିତ୍ସା ବାବଦକୁ ସରକାର ମାସିକ ହାରାହାରି ୯୦ କୋଟି ଟଙ୍କା ଏହି ହସ୍ପିଟାଲମାନଙ୍କୁ ପୈଠ କରୁଛନ୍ତି । ୨୦୨୧-୨୨ ଆର୍ଥିକ ବର୍ଷରେ ସମୁଦାୟ ୧,୯୭,୩୫୫ ଜଣ ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ୩୮୪ କୋଟି ଟଙ୍କା ଦେୟ ପୈଠ କରିଛନ୍ତି ।

# କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି। ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।






ଭୁବନେଶ୍ୱରସ୍ଥ ଶହୀଦ ନଗରରଠାରେ ୱିନର ଆସୋସିଏସ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ ତମ ଜନ୍ମଜୟନ୍ତୀରେ ସଦସ୍ୟମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଜ୍ଞାପନ

# ଆଦିବାସୀ ମେଳା ପ୍ରତି ବଢୁଛି ଦର୍ଶକଙ୍କ ଉତ୍ସାହ

ଭୁବନେଶ୍ୱର, (ପି.ଏନ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅପ୍ରେଲ ୨୩ ତାରିଖଠାରୁ ସ୍ଥାନୀୟ ୟୁନିଟ୍ -୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳାସାମଗ୍ରୀ ପ୍ରଦର୍ଶନୀର ସପ୍ତମ ଦିନରେ ପହଂଚିଛି । ମେଳାକୁ ଆସିବା ପାଇଁ ସେତେ ଆଗ୍ରହ ପରିଲକ୍ଷିତ ହୋଇଛି । ସୁସଜ୍ଜିତ ସାଜସଜ୍ଜା ମଧ୍ୟରେ ମେଳାରେ ଦର୍ଶକମାନଙ୍କ ଉତ୍ସାହ ବହୁଗୁଣିତ ହୋଇଯାଉଛି । ବିଶେଷ କରି ଛୋଟ ଛୋଟ ପିଲାମାନଙ୍କ ଜିଜ୍ଞାସାର ପୂର୍ତି ପାଇଁ ଅନେକ ବାପାମା ରୀତିମତ ମେଳା ଅନୁଭୂତି ବଖାଣୁଛନ୍ତି ତାଙ୍କ ପିଲାଙ୍କ ପାଖରେ ମେଳା ପଡ଼ିଆ ସତେ ଯେପରି ଏକ ପାଠଶାଳା । ଶୃଙ୍ଖଳିତ ମେଳାର ଆଜି ସନ୍ଧ୍ୟାରେ ଜନଜାତି ହାଟରେ ଲୋକଙ୍କ ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା । ଏ ବର୍ଷ ଖାଦ୍ୟ ପସରା ଖୋଲି ନଥିବାରୁ ଲୋକଙ୍କ ନିରାଶା ଭାବ ଥିଲେ ମଧ୍ୟ ରାଶିଲଡୁ, ବାଦାମ ଲଡୁ, ମୁଆ ଲଡୁ, ଖସ୍କା, ଖଜୁରୀ ପିଠା, ସାରୁ ଚିପ୍‌ସ, କନ୍ଦମୂଳ ଚିପ୍‌ସ, ବାଉଁଶ କରଡ଼ି ଆଚାର ଇତ୍ୟାଦି ଖାଦ୍ୟ କିଣିବାରେ ଖୁବ୍ ଆଗ୍ରହୀ ଥିଲେ ଲୋକମାନେ । ଗତକାଲି ସୁଦ୍ଧା ମେଳାରେ ପ୍ରାୟ ଦୁଇକୋଟି ଟଙ୍କାର ବ୍ୟବସାୟ ହୋଇଥିବାର ମେଳା କର୍ତୃପକ୍ଷଙ୍କ ପାଖରୁ ପ୍ରକାଶ। ଆଜିର ଜନଜାତି ନୃତ୍ୟରେ ବଣାଇ ଅଂଚଳରୁ ଆସିଥିବା ମୁଣ୍ଡାରୀ ଏବଂ କିସାନ୍ ମାନଙ୍କ ନୃତ୍ୟରେ ମୌଳିକତା ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା ଓ ଝାଡ଼ଖଣ୍ଡ ଶୈଳୀର ମିଳିତ ରୂପ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସେହିପରି କେନ୍ଦୁଝରର ସାନ୍ତାଳ ଓ ହୋ ଜନଜାତିମାନଙ୍କ ନୃତ୍ୟଶୈଳୀ ପାରମ୍ପରିକ ହୋଇ ବି ଦର୍ଶକଙ୍କୁ ଭରପୂର ଉତ୍ସାହ ଦେଇଥିଲା । ସବୁଠୁ ବେଶ୍ ଆକର୍ଷଣୀୟ ଥିଲା କଳାହାଣ୍ଡିରୁ ଆସିଥିବା ଘୁମୁରା ଓ ଢାପ ନୃତ୍ୟ ପ୍ରଦର୍ଶନ। ଘୁମୁରାରେ ପାରମ୍ପରିକ ଛଟା ଥିଲେ ମଧ୍ୟ ଦର୍ଶକମାନେ ଢାପ ନୃତ୍ୟରେ ଝୁମିଥିଲେ। କଳାହାଣ୍ଡିର ଏକ ଲୋକନୃତ୍ୟ ଭାବରେ ଢାପ ଦେଶବିଦେଶରେ ଖୁବ୍ ପରିଚିତ। ଆଦିବାସୀ ପରମ୍ପରାରୁ ବାହାରି ଲୋକପରମ୍ପରାରେ ଏହାର ବିଶେଷ ପ୍ରସିଦ୍ଧି ରହିଛି । ସମଗ୍ର ମେଳା ଅଂଚଳକୁ ଆଜିର ଢାପ ନୃତ୍ୟ ପ୍ରକମ୍ପିତ କରି ଦର୍ଶକମାନଙ୍କୁ ନୂତନ ସ୍ୱାଦ ପରଶିଥିଲା । ଏ ଅବସରରେ ଏସସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ଜାତୀୟ ଜନଜାତି କଳାସାମଗ୍ରୀ ପ୍ରଦର୍ଶନୀରେ ସ୍ୱକୀୟ ଜ୍ଞାନ ଆଧାରିତ କଳାସାମଗ୍ରୀ ପ୍ରସ୍ତୁତ କରୁଥିବା କାରିଗରଙ୍କୁ ପୁରସ୍କୃତ କରିଥିଲେ । ବୟନକଳାରେ ତାମିଲନାଡୁର ଟୋଡା ବୟନକଳା ପ୍ରଥମ ହୋଇଥିବାବେଳେ ଓଡ଼ିଶାର କୁଲିସ୍ ବୟନକଳା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ସେହିପରି ଚିତ୍ରକଳାରେ ଆନ୍ଧ୍ରପ୍ରଦେଶର ସବର ଚିତ୍ରକଳା ପ୍ରଥମ ଓ ରାଜସ୍ଥାନ ଭିଲ ଚିତ୍ରକଳା ଦ୍ୱିତୀୟ, ବାଉଁଶ କାରିଗରୀରେ କେରଳର କୁରୁମା ବାଉଁଶ କାରିଗରୀ ପ୍ରଥମ ଓ ଓଡ଼ିଶାର ମାଙ୍କିଡିଆ ଜନଜାତିଙ୍କ ଶିଆଳିକତାର କଳାସାମଗ୍ରୀ ଦ୍ୱିତୀୟ, ଲାଖ କଳାରେ ଓଡ଼ିଶାର ବାଥୁଡ଼ି ଓ ସାନ୍ତାଳ ଲାଖକଳା ପ୍ରଥମ ଓ ଅଳଙ୍କାରରେ ଝାରଖଣ୍ଡ ଓରାଓଙ୍କ ଅଳଙ୍କାର ଦ୍ୱିତୀୟ ପୁରସ୍କାର ପାଇଥିଲେ । ଏହି ମେଳା ପ୍ରତ୍ୟହ ଅପରାହ୍ନ ୩.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଦର୍ଶକମାନଙ୍କ ନିମନ୍ତେ ଖୋଲା ରହୁଛି ।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

## ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତତ୍କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅଞ୍ଚଳ ରେ ଭୟର ବାତାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି,ସୁବାଷ ଚନ୍ଦ୍ର ପାତ୍ର,ସନ୍ତୋଷ ତ୍ରିପାଠୀ,ହିମାଂଶୁ ଦାସ,ଚନ୍ଦନ ମହାନ୍ତି,ମନୋଜ କୁମାର ଆଚାର୍ଯ୍ୟ,ଅମିତ କୁମାର ଦାସ,ତପନ ଶତପଥୀ,ମନୋରଞ୍ଜନ ଆଚାର୍ଯ୍ୟ,ସନାତନ ବାରିକ,ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହିତ ଅଭିଯୋଗକାରୀମାନେ ଦେବୋତ୍ତର କମିଶନର,କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ,ଗରଦପୁର ତହସିଲଦାର ଓ ପାଟକୁରା ଥାନା ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି। ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି। ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।






# କିଟ୍‌ରେ ଇଫ୍‌ତାର ପାଳିତ




ଭୁବନେଶ୍ୱର, (ପି.ଏନ): ପ୍ରତିବର୍ଷ ଭଳି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଇଫ୍‌ତାର ପାଳିତ ହୋଇଯାଇଛି । କିଟ୍‌ରେ କାର୍ଯ୍ୟରତ ମୁସଲମାନ ସଂପ୍ରଦାୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରଛାତ୍ରୀଙ୍କୁ ନେଇ ଆଜି ଇଫ୍‌ତାର ପାର୍ଟି ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ କିଟ୍ ଓ କିସ୍ ସ୍ନେହ, ଭାଇଚାରା, ସଦ୍‌ଭାବନା, ଦୟା ଓ ପରୋପକାର ଉପରେ ଆଧାରିତ ଶିକ୍ଷାନୁଷ୍ଠାନ । ଛାତ୍ରଛାତୀଙ୍କୁ ଉପଦେଶ ଦେଇ ଶ୍ରୀ ସାମନ୍ତ କହିଲେ, ଅନ୍ୟକୁ ଭଲ ପାଇବା ମଣିଷର ସବୁଠାରୁ ଭଲ ଗୁଣ । ଏହା ଦ୍ୱାରା ମଣିଷ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ୍ୟ ଏଥିରୁ ଆନନ୍ଦ ପାଇଥାନ୍ତି । ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂର ହୋଇପାରିବ । ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

## ନଦୀରେ ବୁଡି ମହିଳା ମୃତ

ଆନନ୍ଦପୁର: ୨୯/୪ (ଆ.ପ୍ର.): ଆନନ୍ଦପୁର ପୌରପରିଷଦ ଫକୀରପୁର ଠାରେ ବୈତରଣୀ ନଦୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଫକୀରପୁର ୧୧ନଂ ୱାର୍ଡର ଭରତ ମୁଦୁଲିଙ୍କ ପତ୍ନୀ ସାବିତ୍ରୀ ମୁଦୁଲି । ସାବିତ୍ରୀ ୮ନଂ ୱାର୍ଡ ସ୍ଥିତ ନିଜ ବାପଘରକୁ ଯାଇଥିବା ବେଳେ ବୁଧବାର ଅପରାହ୍ନରେ ନଦୀଘାଟକୁ ଗାଧୋଇବାକୁ ଯାଇଥିଲେ । ଅସାବଧାନତା ବଶତଃ ଗୋଡ ଖସି ଯିବାରୁ ନଦୀର ଜଳ ସ୍ରୋତରେ ସେ ଭାସିଯାଇ ନିଖୋଜ ହୋଇଯାଇଥିଲେ । ଗୁରୁବାର ସକାଳ ପ୍ରାୟ ୬ଟା ସମୟରେ ୧୧ନଂ ୱାର୍ଡ ପତିସାହି ଘାଟରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଆନନ୍ଦପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆନନ୍ଦପୁର ପୋଲିସ ଡାକ୍ତରଖାନାରେ ପହଂଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ ।

## ତାତିରୁ ମିଳୁନି ନିସ୍ତାର, ଜନଜୀବନ ଅସ୍ତବ୍ୟସ୍ତ

ଧର୍ମଶାଳା,(ପିଏନ୍): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବା ବେଳେ ଧର୍ମଶାଳା ବ୍ଲକ ଅଂଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଦୀର୍ଘ ଏକ ସପ୍ତାହ ବ୍ୟାପି ଧର୍ମଶାଳା ବ୍ଲକରେ ତାତି ୪୦ ଡିଗ୍ରୀ ଉପରେ ରହୁଛି । ଗତ ୨୦ ବର୍ଷର ରେକର୍ଡ ଭାଙ୍ଗିଛି ଏହି ତାତି । ସକାଳ ୯ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ପ୍ରଚଣ୍ଡ ରୋଦ୍ରତାପ ଯୋଗୁଁ ଗରିବ ଓ ଦୀନ ମଜୁରିଆ ମାନଙ୍କ ପକ୍ଷେ କାମକୁ ଯିବା ଅସମ୍ଭବ ହୋଇପଡିଛି । ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି । ସେହିପରି ଖାର ଯୋଗୁ ଚାଷୀ ନିଜ ବିଲକୁ ଯିବାକୁ ସାହାସ କରୁନାହିଁ । ଆସନ୍ତା ୩ ତାରିଖରେ ଅକ୍ଷୟତୃତୀୟା ହେବାକୁଥିବା ବେଳେ ପୁର୍ବରୁ ଚାଷୀମାନେ ନିଜ ବିଲକୁ ପ୍ରସ୍ତୁତ କରି ରଖିଥାନ୍ତି । ହେଲେ ପ୍ରଚଣ୍ଡ ଖରା ଯୋଗୁ ଚାଷୀମାନେ ନିଜ ବିଲକୁ ପ୍ରସ୍ତୁତ କରିପାରି ନାହାନ୍ତି । ଅନ୍ୟପଟେ ଟାଣ ଖରା ଲାଗିରହିବାରୁ ବ୍ଲକର ବିଭିନ୍ନ ସ୍ଥାନରେ ଜଳସ୍ତର ହ୍ରାସ ଯୋଗୁଁ ଅନେକ ନଳକୂପ ଅଚଳ ହୋଇପଡିଛି । ଫଳରେ ପାଣି ମୁନ୍ଦାଏ ପାଇଁ ଲୋକେ ତହଳବିକଳ ହେଉଛନ୍ତି । ବୋଝଉପରେ ନଳିତାବିଡା ସଦୃଶ ପ୍ରଚଣ୍ଡ ଖରାରେ ବାରମ୍ବାର ବିଜୁଳି କାଟ ଯୋଗୁ ଲୋକେ ନାହିଁନଥିବା ଯନ୍ତ୍ରଣା ଭୋଗୁଛନ୍ତି । କିଛି ଦିନ ହେଲା ରୌଦ୍ରତାପ ବଢିଥିବା ବେଳେ ଏହି ଖାରାରେ ବହାରକୁ ନଯିବା ପାଇଁ ସରକାରଙ୍କ ପକ୍ଷରୁ ସତର୍କ କରାଯାଉଥିବା ବେଳେ ଏହି ଖରାରରେ ବାହାରକୁ ବାହାରିଲେ ଚର୍ମରୋଗ ବ୍ୟାପିବ ବୋଲି କେତେକ ସୋସିଆଲ ମିଡିଆରେ ଭଳି ବିଭିନ୍ନ ପ୍ରକାର ବ୍ୟାଧି ହେବ ବୋଲି ସୋସିଆଲ ମିଡିଆରେ ଘୁରୁ ବୁଲୁଛି । ଖରାରେ ଅଂଶୁଘାତ ହେବାର ସମ୍ଭାବନାକୁ ଆଖରାଗରେ ରଖି ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଶିତତାପ ନିୟନ୍ତ୍ରୀତ ୱାର୍ଡ ଖୋଲିବାକୁ ସାଧାରଣରେ ଦାବି ହୋଇଛି ।

## ମଧୁବାବୁଙ୍କ ୧୭୫ ତମ ଜୟନ୍ତୀ ପାଳିତ



ବାଲେଶ୍ୱର (ପି.ଏନ): ବାଲେଶ୍ୱରରେ ସୌଭାଗିନୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ କୁଳବୃଦ୍ଧ ମଧୁବାବୁଙ୍କର ୧୭୫ ତମ ଜୟନ୍ତୀ ଓ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଜ୍ୟୋତିର୍ମୟୀ ସତପଥୀଙ୍କ ପୌରହିତ୍ୟରେ ଜିଲ୍ଲାସ୍କୁଲ ଏବଂ କଚେରୀ ଠାରେ ଥିବା ମଧୁବାବୁଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସାଇରାମ ଟ୍ୟୁଟରିଆଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମଧୁବାବୁଙ୍କ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନେ ମଧୁବାବୁଙ୍କ ଉପରେ ନିଜର ଅଭିଭାଷଣ ରଖିବା ସହିତ କେନ୍ଦ୍ରିୟ ବିଦ୍ୟାଳୟରେ ଓଡ଼ିଆ ବିଷୟକୁ ବାଧ୍ୟତାମୂଳକ ବିଷୟ ଭାବେ ଗ୍ରହଣ କରିବା ପାଇଁ କେନ୍ଦ୍ରିୟ ବିଦ୍ୟାଳୟ ମୁଖ୍ୟଙ୍କ ସହିତ ଆଲୋଚନା କରିବା ପାଇଁ ସଂକଳ୍ପବୋଧ ହେଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ତରାଇ, ଅବନୀ କୁମାର ଜେନା, ପ୍ରଭାକର ମହାରଣା, ବଂଶୀଧର ଦ୍ୱିବେଧୀ, ପ୍ରଦୀପ ସିଂହ, ଉତ୍ସିତା ସ୍ୱାଇଁ, ଅନ୍ନପୂର୍ଣ୍ଣା ମୁର୍ମୁ ଓ ରାନୁ ପ୍ରମୁଖ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ମାଟ୍ରିକ୍ ପରୀକ୍ଷା ଆରମ୍ଭ, ଧର୍ମଶାଳା ବ୍ଲକରେ ୨୨୨ ଅନୁପସ୍ଥିତ

ଧର୍ମଶାଳା,(ପିଏନ୍): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମ୍ୟାଟ୍ରିକ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଚଳିତ ବର୍ଷ ଧର୍ମଶାଳା ବ୍ଲକର ୨୩ ଗୋଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ଇଂରାଜୀ ଭାଷାରେ ୩୧୩୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଆଜି ୨୨୨ଜଣ ଅନୁପସ୍ଥିତ ରହିବାରୁ ୨୯୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ମ୍ୟାଟ୍ରିକ ରେଗୁଲାର ପରୀକ୍ଷାରେ ୧୮ ଗୋଟି କେନ୍ଦ୍ରରେ ୨୯୪୧ ଜଣଙ୍କ ମଧ୍ୟରୁ ୧୭୧ଜଣ ଅନୁପସ୍ଥିତ ରହିବାରୁ ୨୭୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ସେହିପରି ୪ ଗୋଟି ମଧ୍ୟମା ପରୀକ୍ଷା କେନ୍ଦ୍ରରେ ୧୫୬ଜଣ ପରୀକ୍ଷାଙ୍କ ମଧ୍ୟରୁ ୪୪ଜଣ ଅନୁପସ୍ଥିତ ରହିବାରୁ ୧୧୨ଜଣ ପରୀକ୍ଷା ଦେଇଥିଲେ । ସେହିପରି ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ରରେ ୩୯ଜଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୭ଜଣ ଅନୁପସ୍ଥିତ ରହିବାରୁ ୩୨ଜଣ ପରୀକ୍ଷାର୍ଥୀ ଆଜି ପରୀକ୍ଷା ଦେଇଛନ୍ତି । ଅଂଟିଆସ୍ଥିତ ହିଙ୍ଗୁଳା ପଂଚାୟତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସର୍ବାଧିକ ୨୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୟୁଜିପିଏଲଏନ ନହଙ୍ଗାପାଟଣା ପରୀକ୍ଷାକେନ୍ଦ୍ରରେ ସର୍ବନିମ୍ନ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ଧର୍ମଶାଳା ବାଣୀପୀଠ ବିଦ୍ୟାଳୟକୁ ନୋଡାଲ ସେଂଟର କରାଯାଇଥିବା ବେଳେ ଏଠାରେ ସମସ୍ତ ସମସ୍ତ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ରଖାଯାଇ ସମସ୍ତ ପରୀକ୍ଷାକେନ୍ଦ୍ରକୁ ଏଠାରୁ ପ୍ରଶ୍ନପତ୍ର ସକାଳ ୬ଟାରୁ ପ୍ରଶ୍ନପତ୍ର ବଂଟନ ପାର୍ଟି ମାଧ୍ୟମରେ ପଠାଯିବାର ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନରେ ବ୍ଲକରେ ଇଂରାଜୀ ପରୀକ୍ଷା ଶାନ୍ତି ଶୃଙ୍ଖଳାରେ ସମାପ୍ତ ହୋଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ରନ କୁମାର ଗିରି ସୂଚନା ଦେଇଛନ୍ତି ।

## ବାଲେଶ୍ୱରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱାଭିମାନ ଦିବସ ପାଳନ




ବାଲେଶ୍ୱର,(ପି.ଏନ): କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ ତମ ପୁଣ୍ୟଜୟନ୍ତୀ ଉତ୍ସବ ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ଜିଲ୍ଲା ନାରୀସଂଘ ଠାରେ ପାଳିତ ହୋଇଯାଇଛି । ସକାଳେ ମଧୁବାବୁଙ୍କର ଶିକ୍ଷକତା ସ୍ଥଳ ବାଲେଶ୍ୱର ଜିଲ୍ଲାସ୍କୁଲ ପରିସରରେ ଥିବା ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ଶାଖାର ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତିବୃନ୍ଦ ଯୋଗ ଦେଇ ମାଲ୍ୟାର୍ପଣ କରିବା ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହା ପରେ କଚେରି ହତାସ୍ଥିତ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଫକୀରମୋହନ ଗୋଲେଇ ସ୍ଥିତ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ନାରୀସଂଘ ପରିସରରେ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ 'ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା' ଶିର୍ଷକ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ । ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ କୁଳମଣି ବାରିକ ମଧୁବାବୁଙ୍କ ତ୍ୟାଗପୂତ କର୍ମମୟ ଜୀବନର ସ୍ମୃତିଚାରଣ ପୂର୍ବକ ନିଜର ବକ୍ତବ୍ୟରେ ଆଲୋକପାତ କରିଥିଲେ । ଶାଖା ସଂପାଦକ କବି କାଳୀପଦ ପଣ୍ଡା ନିଜର ବକ୍ତବ୍ୟରେ ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ଆଗେଇ ନେବାରେ ସମସ୍ତ ସ୍ୱାଭିମାନୀ ଓଡ଼ିଆ ମାତୃଭାଷା ପ୍ରୀତିରେ ନିଜକୁ ସାମିଲ କରିପାରିଲେ ତାହାହିଁ ହେବ ତାଙ୍କ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ । ଶାଖାର ୨ ଉପସଭାପତି ଡ. କ୍ଷିତୀଶ୍ୱର ଦାସଓ ନିରଞ୍ଜନ ରାଉତ, ଯୁଗ୍ମସମ୍ପାଦକ ଗୋପାମୁଦ୍ରା ମହାପାତ୍ର, ସଂଗଠନ ସଂପାଦକ ଉତ୍ପଳ କୁମାର ମହାନ୍ତି, କୋଷାଧ୍ୟକ୍ଷ ରତ୍ନାକର ଦାସ, ପୂର୍ବତନ ସଂପାଦକ ଦିନବନ୍ଧୁ ଲେଙ୍କା ପ୍ରମୁଖ କର୍ମକର୍ତ୍ତା ମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ରତ୍ନାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ନାୟକଙ୍କୁ ବିଦାୟ ଗିତିକା ଭକ୍ତି ନୈବେଦ୍ୟ ଅର୍ପଣ



ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲା ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାପୀଠ ଭୀମପୁରର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ନାୟକ ୩୦/୪/୨୦୨୨ ଶନିବାର ଦିନ ଅବସର ନେଇଛନ୍ତି । ଶ୍ରୀଯୁକ୍ତ ନାୟକ ଦୀର୍ଘ ୩୫ ବର୍ଷ କାଳ ଶିକ୍ଷାଦାନ କ୍ଷେତ୍ରରେ ନିଜକୁ ସାମିଲ କରି ଅନେକ ଛାତ୍ର ଛାତ୍ରୀଙ୍କୁ ଉଚ୍ଚ ପଦ ପଦପୀରେ ସ୍ଥାନୀତ କରି ନିଜର ପରିଚୟ ସୃଷ୍ଟି କରିବା ସହ ଜଣେ ଆଦର୍ଶ ଶିକ୍ଷକ ଭାବରେ ବାଲେଶ୍ୱର ଜିଲ୍ଲାରେ ଗୌରବ ଅର୍ଜନ କରିଛନ୍ତି । ତାଙ୍କର ସେବା ମନବୃତି, ପରଉପକାରିତା, କର୍ତ୍ତବ୍ୟବୋଧ ଓ ସହନଶିଳତା ସର୍ବପରି ଛାତ୍ର ବତ୍ସଳତା ପାଇଁ ସମସ୍ତଙ୍କ ଠାରେ ପ୍ରଶଂସନୀୟ । ଜଣେ ଆଦର୍ଶ ବିଜ୍ଞାନ ଶିକ୍ଷକ ଭାବରେ ତାଙ୍କର ଶିକ୍ଷାଦାନ ଶୈଳି ଅତି ଚମତ୍କାର ଓ ମନ ଛୁଆଁ । ମଣିଷ ତିଆରି କାରାଖାନାରେ ଜଣେ ଶ୍ରେଷ୍ଠ କାରିଗର କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଣେ ଆପଣାର ମଣିଷ ଭାବେ ଶିକ୍ଷକ, ଶିକ୍ଷୟିତ୍ରୀ ଅଭିଭାବକ, ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କ ନିକଟରେ ଆପଣାର ହୋଇ ରହିବେ ଏଥିରେ ସନ୍ଦେହ ନାହିଁ । ୦୧/୦୭/୧୯୮୫ରୁ କହ୍ନେଇକର ଉଚ୍ଚ ବିଦ୍ୟାପୀଠରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ସହକାରୀ ଶିକ୍ଷକ ଏବଂ ପରେ ପ୍ରଧାନ ଶିକ୍ଷକ ଭାବରେ ସୂଚାରୁ ରୁପେ ନିଜର କାର୍ଯ୍ୟ ସଂପାଦନ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇଥିଲେ । ୧୨/୦୯/୨୦୨୨ ତାରିଖରେ ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାପୀଠ ଭୀପୁରରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରି ବିଦ୍ୟାପୀଠକୁ ୫ଟି ରେ ସରକାରଙ୍କ ଦ୍ୱାରା ଅର୍ଥରାଶି ଙ୍କୁ ସୁବିନିଯୋଗ କରି ଏକ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରିବାରେ ତାଙ୍କର ଭୁମିକା ଥିଲା ଅନନ୍ୟ । ଅବସର ପରେ ତାଙ୍କ ସ୍ଥାନ ପୁରଣ କରିବା ଅତି କଷ୍ଟକର ବୋଲି ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କ ମହଲରେ ଆଲୋଚନାର ବିଷୟ ପାଲଟିଛି । ବିଦ୍ୟାପୀଠର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଗିତିକାର ଗୁରୁ ଗୌରବ ରବିନ୍ଦ୍ର କୁମାର ବିଶ୍ୱାଳ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ନାୟକଙ୍କ ଉତରତ୍ତୋର କାମନା କରିବା ସହିତ ତାଙ୍କୁ ବିଦାୟ ଗିତିକା ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ଏବଂ ଅବସର ପରେ ବାକି ଜୀବନ ଭଲରେ ଅତିବାହିତ ହେଉ ବୋଲି ଜଗନ୍ନାଥ ଙ୍କ ଠାରେ ପ୍ରାର୍ଥନା କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray